## ଆଜି କ'ଣ କେଉଁଠି

**ଢେଙ୍କାନାଳ**

- ଫାଇଲେରିଆ ନିୟନ୍ତ୍ରଣ ବୈଠକ
ସ୍ଥାନ: ସଦ୍‌ଭାବନା ଗୃହ
ସମୟ: ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ଦିବ୍ୟାଙ୍ଗ ଚିହ୍ନଟ ଶିବିର



କାମାକ୍ଷାନଗର, ୫।୯(ଡି.ଏନ.ଏ.)
କଙ୍କଡ଼ାହାଡ଼ ବ୍ଲକ ପ୍ରଶାସନ ପକ୍ଷରୁ ବୁଧବାର ସ୍ଥାନୀୟ କଲେଜ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ୨୧ପଞ୍ଚାୟତର ୪୬୧ ଜଣ ନାମ ପଞ୍ଜୀକୃତ କରାଇଥିଲେ। ସେମାନଙ୍କ ମଧ୍ୟରେ ଅସ୍ଥିଶଲ୍ୟ, ଶ୍ରବଣ ବାଧିତ, ଦୃଷ୍ଟି ବାଧିତ, ମାନସିକ ଅନଗ୍ରସର ଏବଂ ଅନ୍ୟାନ୍ୟ ବର୍ଗର ଆଶାୟୀ ଅଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ଡା. ପ୍ରଦ୍ୟୋତ ବେହେରା, ପ୍ରଦ୍ୟୁମ୍ନ ମହାପାତ୍ର, ନମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହିତ ଦିବ୍ୟାଙ୍ଗ ଚିହ୍ନଟ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବିଡିଓ ଦେବଦତ୍ତ ମହନ୍ତଙ୍କ ଅଧ୍ୟକ୍ଷତାର ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ସୁଜାତା ଶୁଭଦର୍ଶିନୀ, ସିଡିଏମଓ ଡା. ବାସୁଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଜବ୍‌କାର୍ଡ କଲ୍ୟାଣ ସଂଘ ବୈଠକ

ସାତମାଇଲ, ୫।୯(ଡି.ଏନ୍.ଏ.)
ହିନ୍ଦୋଳ ବ୍ଲକ ଗାଳପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଜବ୍‌କାର୍ଡ କଲ୍ୟାଣ ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଯୋଜିକା ସ୍ମିତାଞ୍ଜଳି ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଜବକାର୍ଡଧାରୀ ଉପସ୍ଥିତ ଥିଲେ। ଅତିଥିଭାବେ ଜିଲା ସଂଯୋଜକ ଦୀପକ ନାୟକ, ବ୍ଲକ ସଂଯୋଜକ ସାଗର ନାଏକ ପ୍ରମୁଖ ଉପସ୍ଥିତ ରହି ଜବକାର୍ଡଧାରୀଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। କର୍ମକର୍ତ୍ତା ସତ୍ୟବ୍ରତ ପ୍ରଧାନ, ମାନସୀ ସାହୁ, ଭ୍ରମର ନାଏକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ହୃଦ୍‌ଘାତରେ ହଜ୍ ଯାତ୍ରୀଙ୍କ ମୃତ୍ୟୁ



ଢେଙ୍କାନାଳ ଅଫିସ, ୫।୯
ହଜ୍‌ଯାତ୍ରାରେ ଯାଇଥିବା ଢେଙ୍କାନାଳ ମିନାବଜାର ଅଞ୍ଚଳର ସୟଦ ଫୟାଜ ଅଲ୍ଲି (୬୩)ଙ୍କ ମଙ୍ଗଳବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଫୟାଜ୍ ଏବଂ ସ୍ତ୍ରୀ ରୁକ୍‌ସାନା ବେଗମ୍(୫୫) ଜୁଲାଇ ୨୪ରେ ହଜ୍‌ଯାତ୍ରା ନିମନ୍ତେ ସାଉଦିଆରବ ଯାଇଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ହଠାତ୍ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ସୟଦ୍ ଫୟାଜ୍ ଚୌଦ୍ୱାର ପୌର ପରିଷଦର ବରିଷ୍ଠ କିରାଣି ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ।

### ଅବସରପ୍ରାପ୍ତ ସାମରିକ କର୍ମଚାରୀଙ୍କ ପରଲୋକ

ଢେଙ୍କାନାଳ ଅଫିସ, ୫।୯
ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ବାଲ୍ୟାମ୍ବା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଅବସରପ୍ରାପ୍ତ ସାମରିକ କର୍ମଚାରୀ ନୃପବର ଧଳଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୭ବର୍ଷ ହୋଇଥିଲା। ସେ ଗାଧୁଆଘରେ ଗାଧୋଉଥିବାବେଳେ ତାଙ୍କୁ ହଠାତ୍ ହୃଦ୍‌ଘାତ ହୋଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପ୍ରଚାରିତ ହେବା ପରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ।

- ରାଫେଲ ଦୁର୍ନୀତିରେ କଂଗ୍ରେସର କେନ୍ଦ୍ରକୁ ଟାର୍ଗେଟ

# ପୁଞ୍ଜିପତିଙ୍କ ପ୍ରଧାନ ସେବକ ମୋଦି




ଖବରଦାତା ସମ୍ମିଳନୀରେ ଏଆଇସିସି ସମ୍ପାଦକ ଶେଖ୍ ମସ୍ତାନ ଭାଲି ରାଫେଲ ଦୁର୍ନୀତି ସମ୍ପର୍କରେ ସୂଚନା ଦେଉଛନ୍ତି।

ଢେଙ୍କାନାଳ ଅଫିସ, ୫।୯

ଢେଙ୍କାନାଳ କମଳା ମଣ୍ଡପରେ ବୁଧବାର ଜିଲା କଂଗ୍ରେସ ପକ୍ଷରୁ ରାଫେଲ ଦୁର୍ନୀତିକୁ ନେଇ ଖବରଦାତା ସମ୍ମିଳନୀ କରାଯାଇଛି। ଏଥିରେ ଯୋଗଦେଇ ଏଆଇସିସି ସମ୍ପାଦକ ଶେଖ୍ ମସ୍ତାନ ଭାଲି ରାଫେଲ ଦୁର୍ନୀତି ଅଭିଯୋଗକୁ ନେଇ ଏନ୍‌ଡିଏ ସରକାର ଉପରେ ବର୍ଷିଥିଲେ। ନିଜ ଅଭିଭାଷଣରେ ସେ କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ନୁହେଁ, ପୁଞ୍ଜିପତିଙ୍କ ପ୍ରଧାନ ସେବକ। ୨୦୧୨ରେ ଉପା ସରକାରଙ୍କ ସମୟରେ ଫ୍ରାନ୍ସ ନିର୍ମିତ ୧୩୬ଟି ରାଫେଲ ଯୁଦ୍ଧ ବିମାନ କିଣିବା ଲାଗି ଚୁକ୍ତି ହୋଇଥିଲା। ପ୍ରତି ବିମାନ ପିଛା ୫୨୬ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଥିଲା। ତନ୍ମଧ୍ୟରୁ ୧୮ଟି ବିମାନ ଫ୍ରାନ୍ସରୁ କିଣାଯାଇଥାନ୍ତା। ଅନ୍ୟ ୧୦୮ଟି ପାଇଁ ଫ୍ରାନ୍ସ ସରକାର ମାଗଣା ଟେକ୍ନୋଲୋଜି ଦେଇଥାନ୍ତେ। ଏହାକୁ ଉପଯୋଗ କରି ବାଙ୍ଗାଲୋର, ସୁନାବେଡ଼ାରେ ବିମାନ ନିର୍ମାଣ କରାଯାଇଥାନ୍ତା। ଏହାଦ୍ୱାରା ବିମାନଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ମରାମତି କାର୍ଯ୍ୟ ସହଜ ହୋଇଥାନ୍ତା। ହେଲେ ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ପୁଞ୍ଜିପତିଙ୍କୁ ସୁହାଇବା ପାଇଁ ଉକ୍ତ ଚୁକ୍ତି ବାତିଲ କରିଦେଇଛନ୍ତି। ୩୬ଟି ରାଫେଲ ବିମାନ କିଣାଯିବାକୁ ଅନ୍ୟ ଏକ ଚୁକ୍ତି କରାଯାଇଛି। ଏଥିରେ ପ୍ରତି ବିମାନକୁ ୧୬୭୦ କୋଟି ଟଙ୍କାରେ କିଣିବା ପାଇଁ ସ୍ଥିର କରାଯାଇଛି। ନୂତନ ଚୁକ୍ତି କରି ମୋଦିଙ୍କ ସରକାର ଜନସାଧାରଣଙ୍କ ୪୧ ହଜାର ୨୦୦ କୋଟି ଟଙ୍କା ଲୁଟିଛନ୍ତି ବୋଲି ଏଆଇସିସି ସମ୍ପାଦକ ଅଭିଯୋଗ କରିଥିଲେ। ଉକ୍ତ ବିମାନ କିଣାରେ ରିଲାଏନ୍ସ କମ୍ପାନୀକୁ ଅତ୍ୟଧିକ ଅନୁକମ୍ପା ପ୍ରଦର୍ଶନ କରାଯାଇଛି। ଏହା ଏକ ଗୋପନୀୟ ପ୍ରସଙ୍ଗ କହି ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ ପ୍ରଶ୍ନ ଏଡ଼ାଇ ଯାଉଛନ୍ତି। ଏହାର ପ୍ରତିବାଦରେ ସାରା ରାଜ୍ୟରେ ଦଳ ଆନ୍ଦୋଳନ କରିବ। ଏହିକ୍ରମରେ ଆସନ୍ତା ୧୧ ତାରିଖରେ ଜିଲା କଂଗ୍ରେସ ପକ୍ଷରୁ ଢେଙ୍କାନାଳରେ ଆନ୍ଦୋଳନ କରାଯିବ। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ତୃଣମୂଳସ୍ତରରୁ ଦଳକୁ ସଙ୍ଗଠିତ କରାଯାଉଛି। ୪ ମାସ ମଧ୍ୟରେ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ମନୋନୟନ ପ୍ରକ୍ରିୟା ଚୂଡ଼ାନ୍ତ ହେବ। ବୁଥ୍ ତାଲିକା ପ୍ରସ୍ତୁତ କରିବାକୁ ଜିଲା ପଦାଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ସେ ସୂଚନା ଦେଇଥିଲେ।

ଖବରଦାତା ସମ୍ମିଳନୀରେ ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ପିସିସି ସାଧାରଣ ସମ୍ପାଦକ ଲକ୍ଷ୍ମଣ ମେହେର, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, କାର୍ଯ୍ୟକାରୀ ସଭାପତି ସରୋଜ ପଟ୍ଟନାୟକ, ପ୍ରବାଳକାନ୍ତି ସାହୁ, ସିଦ୍ଧେଶ୍ୱରୀ ପ୍ରସାଦ ମିଶ୍ର, ପ୍ରକାଶ କୁଅଁର, ଏଆଇସିସି ସଭ୍ୟା ସୁବାସିନୀ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ।

### 'ଘୃଣା ନୁହେଁ, ଭଲ ପାଇବାରେ ବିଶ୍ୱାସ କରୁ'

ଲୋକସଭା ଅଧିବେଶନରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆସନ ନିକଟକୁ ଯାଇ ତାଙ୍କୁ ଆଲିଙ୍ଗନ କରିବା ଏବଂ ସେଠାରୁ ଫେରି ନିଜ ଆସନରେ ବସି ଆଖି ମାରିବାର ରହସ୍ୟ ସମ୍ପର୍କରେ ଏଆଇସିସି ସମ୍ପାଦକ ଶେଖ୍ ମସ୍ତାନ ଭାଲିଙ୍କୁ ପ୍ରଶ୍ନ କରିଥିଲେ ଖବରଦାତା । ଏହାର ଉତ୍ତରରେ ଏଆଇସିସି ସମ୍ପାଦକ କହିଲେ, କଂଗ୍ରେସ ଧର୍ମନିରପେକ୍ଷ ଦଳ। ଆମ ଭିତରେ ଘୃଣା ନାହିଁ । ଆମେ ଭଲ ପାଇବାରେ ବିଶ୍ୱାସ କରୁ। ଜଣେ ଭଲକାମ କଲେ ତାଙ୍କୁ ଯଦି ଅନ୍ୟମାନେ ସାଧୁବାଦ ଜଣାନ୍ତି, ଏଥିରେ ଅସୁବିଧା କ'ଣ। ସେହିପରି ରାହୁଲ ଗାନ୍ଧୀଙ୍କୁ ସଦସ୍ୟମାନେ ତାଳିମାରି ସାଧୁବାଦ ଜଣାଇବାରୁ ସେ ହସିହସି ଆଖି ମାରିଥିଲେ ବୋଲି ଏଆଇସିସି ସମ୍ପାଦକ ସ୍ପଷ୍ଟୀକରଣ ରଖିଥିଲେ।



ଧାରଣାରତ କଂଗ୍ରେସ ନେତାମାନେ।

# ଏପଟେ ସମ୍ମିଳନୀ, ସେପଟେ ଧାରଣା

ଢେଙ୍କାନାଳ ଅଫିସ, ୫।୯

ଢେଙ୍କାନାଳ ଜିଲାରେ ସଙ୍ଗଠନ ସଜାଡ଼ିବାକୁ ଉଦ୍ୟମ ଚଳାଇଛନ୍ତି କଂଗ୍ରେସର ବରିଷ୍ଠ ନେତା। ହେଲେ ଦଳ ମଧ୍ୟରେ ଅନ୍ତଃକନ୍ଦଳ ବାଟରେ ପଡ଼ି ହାଟରେ ଗଢ଼ୁଛି। ବୁଧବାର ଏହାର ପୁନରାବୃତ୍ତି ଘଟିଛି। ରାଫେଲ ଦୁର୍ନୀତିକୁ ନେଇ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ କେନ୍ଦ୍ରକୁ ଟାର୍ଗେଟ କରି ବର୍ଷୁଥିବାବେଳେ ଦଳୀୟ କାର୍ଯ୍ୟାଳୟ ଗାନ୍ଧୀ ମନ୍ଦିରରେ ଧାରଣାରେ ବସିଥିଲେ ଅସନ୍ତୁଷ୍ଟ ନେତା। ଏଥିରେ ସାମିଲ ହୋଇଥିଲେ ପୂର୍ବତନ ଜିଲା ସଭାପତି ସମରେନ୍ଦ୍ର ନନ୍ଦ, ଜିଲା ଉପସଭାପତି ସୁନୀଲ ଦାଶ, ପ୍ରେମଶଙ୍କର ମିଶ୍ର, ନିର୍ମଳ ମିଶ୍ର, କାଉନ୍‌ସିଲର ଗୋପାଳ ଚନ୍ଦ୍ର ସାହୁ, ପ୍ରଶାନ୍ତ ନାୟକ, ଜିଲା ସୂଚନା ଅଧିକାର ଆବାହକ ପ୍ରିୟବ୍ରତ ଗଡ଼ନାୟକଙ୍କ ସମେତ ଅନ୍ୟମାନେ।

ଗାନ୍ଧୀ ମନ୍ଦିରରେ ଖବରଦାତା ସମ୍ମିଳନୀ କରା ନ ଯିବା, ଢେଙ୍କାନାଳ ଗସ୍ତରେ ଆସିଥିବା ଏଆଇସିସି ସମ୍ପାଦକଙ୍କୁ ଦଳୀୟ କାର୍ଯ୍ୟାଳୟକୁ ନ ଆଣିବା, ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ନ କରିବା ଏବଂ କର୍ମକର୍ତ୍ତାଙ୍କୁ ବୈଠକ ସମ୍ପର୍କରେ ସୂଚନା ନ ଦେବା ଆଦି ବିଷୟକୁ ନେଇ ସେମାନେ ପ୍ରତିବାଦ କରିଥିଲେ। ଏଥି ଲାଗି ଧାରଣାରତ କଂଗ୍ରେସ କର୍ମୀମାନେ ସିଧାସଳଖ ଜିଲା ସଭାପତିଙ୍କୁ ଦାୟୀ କରିଛନ୍ତି। ଅପରାହ୍ନ ୫ଟାରେ ଏଆଇସିସି ସମ୍ପାଦକ ଶେଖ ମସ୍ତାନ ଭାଲି ଗାନ୍ଧୀ ମନ୍ଦିରରେ ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଏ ସମ୍ପର୍କରେ ଏଆଇସିସି ସମ୍ପାଦକ କୁହନ୍ତି, କଂଗ୍ରେସ ଦଳ ଏକ ବଡ଼ ପରିବାର। ଦଳରେ ଭାଇଚାରା ରହିଛି । ମତାନ୍ତର ଓ ମନାନ୍ତର ମଧ୍ୟ ରହିବ। ଆମେ ସମସ୍ତଙ୍କୁ ଏକାଠି କରି ସଂଗ୍ରାମ ଜାରି ରଖିବୁ ।

# ଭଲ ମଣିଷ ହେବାକୁ ପରାମର୍ଶ




ଢେଙ୍କାନାଳ ଅଫିସ, ୫।୯

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ କେ.ପି. ହାଇସ୍କୁଲ ପରିସରରେ ବୁଧବାର ମହାସମାରୋହରେ ପାଳିତ ହୋଇଛି ଗୁରୁଦିବସ। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ପତି ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଭଲ ମଣିଷ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ପଦ୍ମିନୀ ପ୍ରିୟଦର୍ଶିନୀ ବେହେରା ପ୍ରଥମ, ସୁରଜ ବିଶ୍ୱାଳ ଦ୍ୱିତୀୟ, ଅର୍ପିତା ବେହେରା ତୃତୀୟସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଛାତ୍ରୀଛାତ୍ରମାନେ ସ୍କୁଲ ପରିସରରେ ଫୁଲଗଛ ଲଗାଇଥିଲେ। ଶିକ୍ଷକ ଭ୍ରମରବର ପ୍ରଧାନ, ସଦାନନ୍ଦ ଭୋଳ, ଶିକ୍ଷୟିତ୍ରୀ ବିଦ୍ୟୁତ୍‌ପ୍ରଭା ନନ୍ଦ, ବିଦ୍ୟୁତ୍‌ପ୍ରଭା ଶତପଥୀ, ବିଷ୍ଣୁପ୍ରିୟା ସାହୁ, ନରେଶ କୁମାର ମହାରଣା, ଶିକ୍ଷାକର୍ମୀ ଅନିରୁଦ୍ଧ ବେହେରା, ଶକୁନ୍ତଳା ସ୍ୱାଇଁ, ବିବେକାନନ୍ଦ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍କାଉଟ୍ସ, ଗାଇଡ୍ସ, ଜୁନିୟର ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ। ସେହିପରି ଗଁଦିଆ ବ୍ଲକ ଦେଓଗାଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ହରିହର ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁଦିବସ ପାଳିତ ହୋଇଯାଇଛି। ଶିକ୍ଷୟିତ୍ରୀ ଶାନ୍ତିଲତା ଦାସ, ମମତା ଦେହୁରୀ, ନମିତା ସାହୁ, ସଂଜ୍ଞା ସାଗରିକା ସ୍ୱାଇଁ ଉପସ୍ଥିତ ଥିଲେ। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଫଟୋରେ ଖବର




ଅନୁଗୋଳ ଦୁର୍ଗାଶଙ୍କର ପୂଜା କମିଟି ପକ୍ଷରୁ ମଙ୍ଗଳବାର ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ କରାଯାଇଛି। ଏହି ଅବସରରେ କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ବୁଢ଼ୀଠାକୁରାଣୀ ମନ୍ଦିରକୁ ଯାଇଥିଲେ ।

- ଭୂଷଣ ଷ୍ଟିଲ୍ ପକ୍ଷରୁ ଭ୍ରାମ୍ୟମାଣ ଚିକିତ୍ସା ସେବା ଆରମ୍ଭ

# ଉପକୃତ ହେବ ୧୧ ଗ୍ରାମ




ଭୂଷଣ ଷ୍ଟିଲ୍ ପକ୍ଷରୁ ଭ୍ରାମ୍ୟମାଣ ଚିକିତ୍ସା ସେବାର ଶୁଭାରମ୍ଭ କରାଯାଉଛି।

ଓଡ଼ାପଡ଼ା, ୫।୯(ଡି.ଏନ.ଏ.)

ଟାଟା ଷ୍ଟିଲ ପକ୍ଷରୁ ଅଧିଗ୍ରହଣ କରାଯିବା ପରେ ଭୂଷଣ ଷ୍ଟିଲ ପକ୍ଷରୁ ବିଭିନ୍ନ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହିକ୍ରମରେ ବୁଧବାରଠାରୁ କମ୍ପାନୀ ପକ୍ଷରୁ ଆରମ୍ଭ ହୋଇଛି ଭ୍ରାମ୍ୟମାଣ ପ୍ରାଥମିକ ଚିକିତ୍ସା ସେବା। ପରିଚାଳନା ନିର୍ଦ୍ଦେଶକ ରାଜୀବ ସିଂହଲ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ।

ଆରମ୍ଭ ହୋଇଥିବା ଭ୍ରାମ୍ୟମାଣ ଚିକିତ୍ସା ସେବା ୟୁନିଟ୍‌ରେ ଜଣେ ଡାକ୍ତର, ନର୍ସ ଓ ଫାର୍ମାସିଷ୍ଟ ଅଛନ୍ତି। ସେହିପରି ଆବଶ୍ୟକ ଔଷଧ ମଧ୍ୟ ମହଜୁଦ୍ ରହିଛି। ଏହାଦ୍ୱାରା ଓଡ଼ାପଡ଼ା ବ୍ଲକର କଣ୍ଟାବଣିଆ, ଶିବପୁର, କୁସୁପଙ୍ଗା, ଅସନବଣି, ଇଟାପ, କୁରୁଣ୍ଟି, ହିନ୍ଦୋଳ ବ୍ଲକର ନୂଆଗାଁ, ସରପା, ରଘୁନାଥପୁର ଏବଂ ଅନୁଗୋଳ ଜିଲା ବଇଁରପାଳ ବ୍ଲକର ତାଳବାହାଳ, ଗଣ୍ଡିଗାଡ଼ିଆ ଆଦି ୧୧ ଗ୍ରାମର ୧୨ ହଜାର ଗ୍ରାମବାସୀ ଉପକୃତ ହେବେ। ସେହିପରି ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଆନୁକୂଲ୍ୟରେ କମ୍ପାନୀ ପକ୍ଷରୁ ୫କୋଟି ଟଙ୍କା ବ୍ୟୟରେ ହିନ୍ଦୋଳ ବ୍ଲକରେ ଏକ ମଡେଲ ସ୍କୁଲ ନିର୍ମାଣ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଓଡ଼ାପଡ଼ାରେ ଅନ୍ୟ ଏକ ମଡେଲ ସ୍କୁଲ ପ୍ରତିଷ୍ଠା କରାଯିବାକୁ କମ୍ପାନୀ ଲକ୍ଷ୍ୟ ରଖିଥିବା ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଅବଗତ କରାଯାଇଛି।

ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସେନାପତି, କୁସୁପଙ୍ଗା ସରପଞ୍ଚ ପଙ୍କଜ ପ୍ରଧାନ, ଶିବପୁର ସରପଞ୍ଚ ଦେବଶ୍ରୀ ବେହେରା, ଭୂଷଣ ଷ୍ଟିଲର ପୂର୍ବତନ ଚିଫ୍ ଅପରେଟିଂ ଅଫିସର ଉଜ୍ଜ୍ୱଳ ଚକ୍ରବର୍ତ୍ତୀ, କର୍ପୋରେଟ୍ ସେବା ବିଭାଗ ମୁଖ୍ୟ ମଣିକାନ୍ତ ନାୟକଙ୍କ ସମେତ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

- ୯ ଶ୍ରମିକଙ୍କୁ କାର୍ଯ୍ୟବନ୍ଦ ଆଦେଶ

# ଅଶାନ୍ତ ନର୍ଭେରାମ, କମ୍ପାନୀରେ ଅଚଳାବସ୍ଥା

ଓଡ଼ାପଡ଼ା, ୫।୯(ଡି.ଏନ.ଏ.)

ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ାସ୍ଥିତ ନର୍ଭେରାମ ପାୱାର ଆଣ୍ଡ ଷ୍ଟିଲ କମ୍ପାନୀରେ କାର୍ଯ୍ୟରତ ୯ଜଣ ଠିକା ଶ୍ରମିକଙ୍କୁ କମ୍ପାନୀ କର୍ତ୍ତୃପକ୍ଷ କାର୍ଯ୍ୟବନ୍ଦ ନୋଟିସ ଦେବା ପରେ ଅଶାନ୍ତ ହୋଇଉଠିଛି କାରଖାନା। କାର୍ଯ୍ୟରତ ଶ୍ରମିକଙ୍କୁ ମାରପିଟ୍ କରାଯାଇଥିବା ନେଇ ଠିକାଦାର ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ କମ୍ପାନୀରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇବା ସହ ଅଚଳାବସ୍ଥା ଜାରି ରହିଛି।

କାରଖାନାର ଏସ୍‌ଏମ୍‌ଏସ୍ (ଷ୍ଟିଲ ମେକିଂ ଶପ୍) ବନ୍ଦ ଥିବାରୁ ସେଠାରେ କାର୍ଯ୍ୟରତ ୯ ଠିକା ଶ୍ରମିକଙ୍କୁ କାର୍ଯ୍ୟବନ୍ଦ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ନେଇ ଆରମ୍ଭ ହୋଇଥିଲା ଶ୍ରମିକ ଅଶାନ୍ତି। ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି କାରଖାନା ଭିତରକୁ ଧସେଇ ପଶିବା ସହ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ କାମ ବନ୍ଦ କରିବାକୁ କହିଥିଲେ। ଏହାପରେ ଗଣ୍ଡଗୋଳ ହୋଇ ମାରପିଟ୍ ଯାଏ କଥା ଯାଇଥିଲା। ସୂଚନା ପାଇ ସଦର ଏସ୍‌ଡିପିଓ ଶେଖ୍ ଅବଦୁଲ କରିମ, ଥାନାଧିକାରୀ ମଳୟ ନାୟକ, ଜିଲା ଶ୍ରମ ଅଧିକାରୀ ମାନଭଞ୍ଜନ ପ୍ରଧାନ ପ୍ରମୁଖ ପହଞ୍ଚି କମ୍ପାନୀ କର୍ତ୍ତୃପକ୍ଷ ଓ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସମାଧାନର କୌଣସି ସୂତ୍ର ବାହାରି ପାରିନାହିଁ। ଏହି ଘଟଣାକୁ ନେଇ କାରଖାନା ପରିସର ଓ ବାହାରେ ଉତ୍ତେଜନା ବଢ଼ିବାରେ ଲାଗିଛି। କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଆଇନ ଅନୁଯାୟୀ ସମାଧାନ କରିବା ପରିବର୍ତ୍ତେ ଗଣ୍ଡଗୋଳକୁ ଉସକାଉଥିବା ଚର୍ଚ୍ଚା ହେଉଛି। ଫଳରେ ବଢ଼ଧରଣର ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା ଦେଖାଦେଇଛି। ଉତ୍ତେଜନାକୁ ନେଇ କାରଖାନାର ସମସ୍ତ ବିଭାଗର କାର୍ଯ୍ୟ ବନ୍ଦ ରହିଛି।



ପୋଲିସ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛି।

- ଉତ୍ତେଜନା, ମାର୍‌ପିଟ
- ଠିକାଶ୍ରମିକଙ୍କ ପ୍ରତିବାଦ
- ୯ଦଫା ଦାବିପତ୍ର ପ୍ରଦାନ

ଅନ୍ୟପଟେ ବୁଧବାର ନବଗଠିତ ନର୍ଭେରାମ ଏମ୍ପ୍ଲୟିଜ୍ ୟୁନିୟନ ପକ୍ଷରୁ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ୯ଦଫା ଦାବିପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟାନ୍ତର ହୋଇଥିବା ୯ ଠିକା ଶ୍ରମିକଙ୍କୁ ପୁନର୍ବାର କାମ କରିବାକୁ ଅନୁମତି ଦେବା, ଇଏସ୍‌ଆଇ ଓ ପିଏଫ୍ ସରକାରୀ ନିୟମ ଅନୁସାରେ ଜମା କରିବା, ନର୍ଭେରାମ ଏମ୍ପ୍ଲୟିଜ୍ ୟୁନିୟନକୁ ସ୍ୱୀକୃତି ପ୍ରଦାନ, ପୂର୍ବ ୬ବର୍ଷର ଦୁଇଟି ଏଗ୍ରିମେଣ୍ଟ ଓ ୨୦୧୪-୨୦୧୬ ବାର୍ଷିକ ଦରମା ବୃଦ୍ଧି କରିବା, ଦୁର୍ଘଟଣା ସହାୟତା ସହ ଥଇଥାନ ଯୋଜନା କାର୍ଯ୍ୟକାରୀ କରିବା, ଚଳିତବର୍ଷ କର୍ମଚାରୀଙ୍କ ଦରମା ବୃଦ୍ଧି ସଂଶୋଧନ, ପାଇପ୍ ଲାଇନ ଲୋକଙ୍କୁ ୯ମାସର ଦରମା ପ୍ରଦାନ ଏବଂ ପଞ୍ଚ୍ ମେଶିନକୁ ମୁଖ୍ୟ ଗେଟ୍‌କୁ ସ୍ଥାନାନ୍ତର କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି।

## ସଂକ୍ଷେପରେ

### ନାଏବ ସରପଞ୍ଚ ଗିରଫ

ବନ୍ତଳା, ୫।୯ (ଡି.ଏନ.ଏ.)- ଏକ ଦୁର୍ଘଟଣା ପରେ ୫୫ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିବା ଅଭିଯୋଗରେ ବୁଧବାର ବଡ଼କେରା ପଞ୍ଚାୟତ ନାଏବ ସରପଞ୍ଚ ବିଦ୍ୟାଧର ପୃଷ୍ଟି (୪୦)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ଜୁଲାଇ ୧୫ରେ ୫୫ ନମ୍ବର ଜାତୀୟ ରାଜପଥରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଗୁରଙ୍ଗ ଗ୍ରାମର ଭାସ୍କର ନାଏକଙ୍କ ମୃତ୍ୟୁ ହୋଇଥିଲା। କ୍ଷତିପୂରଣ ଦାବି ନେଇ ଜାତୀୟ ରାଜପଥର ବଡ଼କେରା ଛକ ନିକଟରେ ବିଦ୍ୟାଧରଙ୍କ ନେତୃତ୍ୱରେ ରାସ୍ତା ଅବରୋଧ କରାଯାଇଥିଲା। ଏଥିଯୋଗୁ ଯାତ୍ରୀମାନେ ହଇରାଣ ହୋଇଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା।

### ଚୋରି ଅଭିଯୁକ୍ତ ଗିରଫ

ଅନୁଗୋଳ ଅଫିସ, ୫।୯- ଅନୁଗୋଳ ଅମଲାପଡ଼ା ଅଞ୍ଚଳରୁ ୨୦୧୭ରେ ବାଇକ୍ ଚୋରି ଅଭିଯୋଗରେ ପୋଲିସ ସୁଇପର କଲୋନୀର ମନ ମୁଖୀ(୨୨)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ସଂକ୍ରାନ୍ତରେ ନଂ. ୭୧୯/୧୭ରେ ଏକ ମାମଲା ରୁଜୁ ହୋଇଥିଲା। ପୂର୍ବରୁ ଏହି ମାମଲାରେ ଅନ୍ୟଜଣେ ଗିରଫ ହୋଇ ଜେଲରେ ଥିବା ପୋଲିସ ସୂଚନା ଦେଇଛି।

### କଳା ଦିବସ ପାଳିଲା ବ୍ଲକ ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀ ସଂଘ

ଅନୁଗୋଳ ଅଫିସ, ୫।୯- ଅନୁଗୋଳ ଜିଲା ବ୍ଲକ ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀ ସଂଘର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରୋହିତାଶ୍ୱ ନାଥ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଗୁରୁଦିବସକୁ କଳାଦିବସ ଭାବେ ପାଳନ କରାଯାଇଥିଲା। ଗୁରୁବାର ଠାରୁ ଶିକ୍ଷକଙ୍କ ଦାବି ପୂରଣ ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ଯାଏ ସ୍କୁଲଗୁଡ଼ିକରେ ତାଲାବନ୍ଦ ଆନ୍ଦୋଳନ ଚାଲୁ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସଭାରେ ଜିଲା ସଂଘ ସମ୍ପାଦକ ପବିତ୍ର ମୋହନ ପ୍ରଧାନ, ମୋହନ ଚନ୍ଦ୍ର ଦେହୁରୀ, ଧର୍ମେନ୍ଦ୍ର କୁମାର ମହାମାନସିଂ, ଦିଲୀପ କୁମାର ପ୍ରଧାନ, କିଶୋର ଚନ୍ଦ୍ର ବିଶ୍ୱାଳ, ବିଭୂତି ପ୍ରଧାନ, ଭବାନି ପ୍ରସାଦ ପ୍ରଧାନ, ପ୍ରଦୀପ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଜିତେନ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### ଡିଆଇଇଟିରେ ଗୁରୁଦିବସ

ଛେଣ୍ଡିପଦା,୫।୯ (ଡି.ଏନ.ଏ./ସ୍ୱ.ପ୍ର.) ଛେଣ୍ଡିପଦାଠାରେ ଥିବା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି)ରେ ଗୁରୁଦିବସ ପାଳନ କରାଯାଇଛି। ପ୍ରତିଷ୍ଠାନର ଅଧକ୍ଷା ତନୁଜା ମିଶ୍ରଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ମୋନାଲିସା ଶୁଣ୍ଡି, ଅନ୍ନପୂର୍ଣ୍ଣା ସେଠୀ, ଅଭିପ୍ସା ପ୍ରଧାନ ଓ ମୋନାଲିସା ନନ୍ଦ ଗୁରୁବନ୍ଦନା ଗାନ କରିଥିଲେ। ଗୌରୀଶଙ୍କର ମିଶ୍ର, ମଦନ ସୁନ୍ଦର ପ୍ରଧାନ, ରାମକୃଷ୍ଣ ପରିଛା, ବିକ୍ରମ ସାହୁ, ଲକ୍ଷ୍ମଣ ସାହୁ, ସୁଜିତ ଜେନା, ମାନସ ରାଉତ ଓ ପ୍ରଶିକ୍ଷିକା ପ୍ରତିଭା ଦଳେଇ ବକ୍ତବ୍ୟ ରଖିଥିଲେ।

■ଗଣେଶ ପୂଜା ପାଇଁ ପ୍ରଶାସନିକ ବୈଠକ

# ସହରରେ ହେବ ୨୮ ମଣ୍ଡପ

ଅନୁଗୋଳ ଅଫିସ, ୫।୯


ବୈଠକରେ ଉପସ୍ଥିତ ପୂଜା କମିଟି ସଦସ୍ୟମାନେ।

ଆଗାମୀ ଗଣେଶ ପୂଜାକୁ ଅନୁଗୋଳ ସହରରେ ଶୃଙ୍ଖଳିତ ଭାବେ ପାଳନ ପାଇଁ ବୁଧବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ୨୮ଟି ମଣ୍ଡପରେ ଗଜାନନ ପୂଜା ପାଇବାକୁ ଥିବାବେଳେ ସମସ୍ତ ମଣ୍ଡପର ବିସର୍ଜନ ୨୮ ତାରିଖ ସୁଦ୍ଧା ଶେଷ ହେବ। ପୌରସଂସ୍ଥା ଦ୍ୱାରା ନିର୍ଦ୍ଧାରିତ ବୁଢ଼ୀ ଠାକୁରାଣୀ ମନ୍ଦିର ପାର୍ଶ୍ୱରେ ଥିବା ଜଳାଶୟରେ ଏହି ବିସର୍ଜନ କାର୍ଯ୍ୟ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି।

ବୈଠକରେ ନିଷ୍ପତ୍ତି ଅନୁଯାୟୀ, ପୂଜା ମଣ୍ଡପଗୁଡ଼ିକରେ ପଲିଥିନ, ଉଚ୍ଚ ଶବ୍ଦ ଯୁକ୍ତ ବାଣ ଓ ଡିଜେ ସାଉଣ୍ଡ ବ୍ୟବହାର କରାଯିବ ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାତି ୧୦ ଟା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଡାକବାଜି ଯନ୍ତ୍ର ବାଜି ପାରିବ ନାହିଁ। ପୂଜା କମିଟିଗୁଡ଼ିକ ଇ-ଟ୍ରେଜେରି ଚାଲାଣ ମାଧ୍ୟମରେ ବିଦ୍ୟୁତ ଦେୟ ପୈଠ ସହ ନିରାପତ୍ତା ପ୍ରମାଣ ପତ୍ର ବିଭାଗୀୟ ଯନ୍ତ୍ରୀଙ୍କୁ ପ୍ରଦାନ କରିବେ। ଜାତୀୟ ରାଜପଥରେ କୌଣସି ତୋରଣ କିମ୍ବା ଲାଇଟ ଲଗାଯାଇପାରିବ ନାହିଁ। ବିସର୍ଜନ ଶୋଭାଯାତ୍ରାକୁ ରାସ୍ତାର ଗୋଟିଏ ପାର୍ଶ୍ୱରେ ନେବା ସହ ମୁଖ୍ୟ ରାସ୍ତାଗୁଡ଼ିକରେ ଶୋଭାଯାତ୍ରା ନିଆଯିବ ନାହିଁ। ଏହାପୂର୍ବରୁ ପୋଲିସ ନିକଟରୁ ଆଗୁଆ ଅନୁମତି ଆଣିବାକୁ ପଡ଼ିବ। ବଳ ପୂର୍ବକ ଚାନ୍ଦା ଆଦାୟକୁ ବାରଣ କରାଯାଇଛି। ସମସ୍ତ ମୂର୍ତ୍ତି ମାଟିରେ ପ୍ରସ୍ତୁତ ହେବ ଓ ଏଥିରେ କୌଣସି କୃତ୍ରିମ ରଙ୍ଗ ଲାଗିବ ନାହିଁ। ବିସର୍ଜନ ପରେ ପୌରସଂସ୍ଥା ଦ୍ୱାରା ସଫେଇ କରାଯିବ ଓ ଛାଞ୍ଚଗୁଡ଼ିକୁ ସଂଗ୍ରହ କରାଯାଇ ଡମ୍ପିଂୟାର୍ଡରେ ପକାଇବାକୁ କୁହାଯାଇଛି। ଏହାଛଡ଼ା ପୂଜା ମଣ୍ଡପଗୁଡ଼ିକରେ ଆବଶ୍ୟକ ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା ଓ ପରିମଳ ବ୍ୟବସ୍ଥା କରିବାକୁ ପୂଜା କମିଟି ଗୁଡ଼ିକୁ କୁହାଯାଉଛି। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆଗୁଆ ଅନୁମତି ନେବାକୁ ସ୍ଥିର କରାଯାଇଛି। ସେହପରି ଆସନ୍ତା ବର୍ଷ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣି ନିମନ୍ତେ ଏକ ମାସ ପୂର୍ବରୁ ପ୍ରସ୍ତୁତି ବୈଠକ ଡାକି ଚୂଡ଼ାନ୍ତ କାର୍ଯ୍ୟକ୍ରମ ସ୍ଥିର କରିବାକୁ ଉପଜିଲାପାଳ କହିଥିଲେ। ତେବେ ପୂଜାକୁ ସଫଳତାର ସହିତ ପାଳନ କରିବା ପାଇଁ ଉପଖଣ୍ଡ ପ୍ରଶାସନ, ପୋଲିସ ପ୍ରଶାସନ ଓ ବିଭିନ୍ନ ପୂଜା କମିଟି ଆନ୍ତରିକତାର ସହିତ ସହଯୋଗ କରିବାରୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନୁଗୋଳ ଥାନା ଅଧିକାରୀ ରମେଶ ବିଶୋଇ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡ. ଅନୁପ କୁମାର ମଲ୍ଲିକ, ଆଞ୍ଚଳିକ ପରିବହନ ଅଧିକାରୀ ଧନଞ୍ଜୟ ସେନାପତି, ଅନୁଗୋଳ ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ ସମସ୍ତ ପୂଜା କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

■ବୁଢ଼ୀ ଠାକୁରାଣୀ ନିକଟ ଜଳାଶୟରେ ବିସର୍ଜନ

■ମଣ୍ଡପରେ ପଲିଥିନ, ଉଚ୍ଚ ଶବ୍ଦ ଉପରେ କଟକଣା

■ଆସନ୍ତା ବର୍ଷ ମାସେ ପୂର୍ବରୁ ବସିବ ବୈଠକ

## ପୁଷ୍ଟିକର ଖାଦ୍ୟ ଉପରେ ଗୁରୁତ୍ୱ

ଅନୁଗୋଳ ଅଫିସ, ୫।୯

ଜାତୀୟ ପୁଷ୍ଟି ସପ୍ତାହ ପାଳନ ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଅନିଲ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ଓ ମାତୃ ମୃତ୍ୟୁହାର କମାଇବା ନିମନ୍ତେ ଉଭୟ ମା’ ଓ ଶିଶୁକୁ ସନ୍ତୁଳିତ ଆହାର, ପୁଷ୍ଟିକର ଖାଦ୍ୟ ନିୟମିତ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ।

ଜିଲାପାଳ କହିଥିଲେ, ଶିଶୁ ଜନ୍ମ ପୂର୍ବରୁ ୨୭୦ ଦିନ ଓ ଜନ୍ମ ପରେ ୭୩୦ ଦିନ ଶିଶୁ ଏବଂ ମା’ ଉଭୟଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ସମୟ ମଧ୍ୟରେ ଶିଶୁ ମା’ର ଖାଦ୍ୟ ଉପରେ ନିର୍ଭର କରୁଥିବାରୁ ମା’ ପୁଷ୍ଟିକର ଖାଦ୍ୟ ଖାଇବା ନିହାତି ଆବଶ୍ୟକ। ବାଡ଼ି ବଗିଚାରେ ମିଳୁଥିବା ଫଳ, ପନିପରିବାରେ ପ୍ରଚୁର ପରିମାଣର ଭିଟାମିନ, ପ୍ରୋଟିନ ରହିବା ସହ ଏହା ସହଜରେ ଉପଲବ୍ଧ ହୋଇଥାଏ। ତେଣୁ ଗାଁ ଗହଳିରେ ରହିଥିବା ମହିଳାମାନେ ନିଜ ବାଡ଼ିରୁ ସମ୍ପୂର୍ଣ୍ଣ ପୁଷ୍ଟିକର ଖାଦ୍ୟ ପାଇପାରିବେ। ସେହିପରି ଶିଶୁକୁ ୬ ମାସ ପର୍ଯ୍ୟନ୍ତ କେବଳ ମା’ କ୍ଷୀର ଖୁଆଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଜିଲା ଯକ୍ଷ୍ମା ନିରାକରଣ ଅଧିକାରୀ ତ୍ରିଲୋଚନ ପ୍ରଧାନ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଅଙ୍ଗନୱାଡ଼ି କେନ୍ଦ୍ର ଓ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମା’ ଓ ଶିଶୁମାନଙ୍କ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀକୁ ଜିଲାପାଳ ବୁଲି ଦେଖିବା ସହ ଶ୍ରେଷ୍ଠ ଖାଦ୍ୟ ପ୍ରଦର୍ଶନ କରିଥିବା ଶର୍ମିଳା ଗଡ଼ନାୟକ, କବିତା ବେହେରା, ପ୍ରଜ୍ଞା ପାରମିତା ସାହୁ ଓ ଗିରିଜାରାଣୀ ଦେହୁରୀଙ୍କୁ ପୁରସ୍କୃତ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ ସପ୍ତାହ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରୋଗ୍ରାମ ଅଫିସର ପୌର୍ଣ୍ଣମାସୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଝିଲି ଖଟୁଆ ସହଯୋଗ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଏଡିଏମ୍ଓ (ଜନସ୍ୱାସ୍ଥ୍ୟ) ରାକେଶ କୁମାର ସାହୁ, ଆଶାର ସହକାରୀ ପରିଚାଳିକା ବିକାଶିନୀ ପରିଡ଼ା, ସିଡିପିଓ, ସୁପରଭାଇଜର, ଆଶା, ଅଙ୍ଗନୱାଡ଼ି କର୍ମୀ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗ ଦେଇଥିଲେ।

## ୫୧ ଜଣଙ୍କୁ ରନ୍ଧନ ଗ୍ୟାସ ପ୍ରଦାନ

କଣିହାଁ, ୫।୯(ଡି.ଏନ.ଏ.)

କଣିହାଁ ବ୍ଲକ ଅର୍କିଳ ପଞ୍ଚାୟତରେ ବୁଧବାର ଜୟ ବଜରଙ୍ଗବାଲି ଏଚ୍‌ପି ଗ୍ୟାସ ଘରୋଇ ବିତରଣ ସଂସ୍ଥା ପରଜଙ୍ଗ ବ୍ଲକ ଘାଘରମୁଣ୍ଡା ତରଫରୁ ୫୧ ଜଣ ମହିଳାଙ୍କୁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଭାଜପା ନେତା ଅଶୋକ ମହାନ୍ତି, ଜିଲା ପରିଷଦ ସଦସ୍ୟ ବସନ୍ତ ମଞ୍ଜରୀ ପ୍ରଧାନ, ଅର୍ଣ୍ଣ ବେହେରା, ପ୍ରହ୍ଲାଦ ସାମଲ, ବିପ୍ରବର ସାହୁ, କୈଳାସ ସାହୁ, ଶ୍ରୀପତି ସାହୁ ଯୋଗ ଦେଇଥିଲେ। ଗ୍ୟାସ ଏଜେନ୍ସି ମାଲିକ ଶ୍ରବଣ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓକିଲ ସଂଘର ସ୍ମାରକପତ୍ର


ଉପଜିଲାପାଳଙ୍କୁ ଓକିଲ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ତାଳଚେର,୫।୯(ନି.ପ୍ର.)

ଉଚ୍ଚ ନ୍ୟାୟାଳୟର ଜଣେ ଆଇନଜୀବୀଙ୍କୁ ପୋଲିସ ଆକ୍ରମଣ ଘଟଣାରେ ବୁଧବାର ତାଳଚେର ଓକିଲ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ପରେଶ ନାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ଏ ସମ୍ପର୍କରେ ଏଫ୍‌ଆଇଆର୍ ଦିଆଯିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ସହ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ଦାବି କରିଛି। ସଭାପତି ଦୟାସାଗର ମିଶ୍ର, ରଣଜିତ ଘୋଷ, ରାଜେନ୍ଦ୍ର ସିଂ ଡିଙ୍ଗରା, ଅରୁଣ ଶଙ୍କର ମିଶ୍ର, ଅଜୟ ମିଶ୍ର, ସୁରେଶ୍ୱର ମିଶ୍ରଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲରେ ଗୁରୁଦିବସ

ଛେଣ୍ଡିପଦା,୫।୯(ସ୍ୱ.ପ୍ର.)

ନିଶା ଶିକ୍ଷାଞ୍ଚଳ ସ୍ଥିତ ବଡମହିତଲା ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲରେ ଗୁରୁଦିବସ ପାଳନ କରାଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଫକୀରମୋହନ ସାହୁ ଅଧ୍ୟକ୍ଷତା କରି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଗୁରୁଦିବସ ପାଳନର ମହତ୍ତ୍ୱ ବୁଝାଇବା ସହ ଭବିଷ୍ୟତରେ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଜେଏସପିଏଲ ସିଏସ୍‌ଆର ଏଣ୍ଡ ଆରର ଜିଏମ୍ ପୁଷ୍ପଲତା ଶତପଥୀ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ନିଜ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଜୁନିଅର ଏକ୍‌ଜିକ୍ୟୁଟିଭ ତାପସ କୁମାର ମହାନ୍ତି ଯୋଗଦେଇ ଛାତ୍ରୀଛାତମାନେ ରାଧାକ୍ରିଷ୍ଣନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ର ଦିଗ୍‌ବିଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକଳ୍ପ ଦେଖିଲେ, ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କଲେ


ଜାଭିୟର ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

ଅନୁଗୋଳ ଅଫିସ,୫।୯

ଅନୁଗୋଳ ନାଲ୍‌କୋନଗର ଏଫ୍‌ସିଆଇ ରୋଡସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ବିଜ୍ଞାନ ପରିଦର୍ଶନୀ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ବିଦ୍ୟାଳୟ ସମେତ ମିଶ୍ରପଡ଼ାର ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଦ୍ୱୟର ଶତାଧିକ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ଅନୁଗୋଳ ସହକାରୀ ଜିଲାପାଳ ମନିଶା ଗୁପ୍ତା ମୁଖ୍ୟଅତିଥି, ବିଦ୍ୟାଳୟ ଦ୍ୱୟର ନିର୍ଦ୍ଦେଶକ କୁଳଦୀପ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମିଶ୍ରପଡ଼ା ଏବଂ ନାଲ୍‌କୋନଗର ବିଦ୍ୟାଳୟ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ଅନୁଗୋଳ ତଳଗଡ଼ସ୍ଥିତ ଶିଶୁ ମନ୍ଦିର ବିଜ୍ଞାନ ମେଳାରେ ୩୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କୃଷ୍ଣକାନ୍ତ ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ହରେକୃଷ୍ଣ ପ୍ରଧାନ ଉପସ୍ଥିତ ଥିଲେ। ନିବେଦିତା ସାହୁ, ଅତିଶ୍ ବାରିକ, ଜ୍ୟୋତିର୍ମୟୀ ପ୍ରଧାନ, ଦିବ୍ୟରଞ୍ଜନ ପ୍ରଧାନ ଏବଂ ରୋଜାଲିନ ସାହୁ ଉପସ୍ଥିତ ଥିଲେ। ବନିତା ପ୍ରଧାନ, ସୁକେସିନୀ ସାହୁ ଏବଂ ଶୁଭସ୍ମିତା ସାହୁ ସହଯୋଗ କରିଥିଲେ। ସେହିପରି ପୋକତୁଙ୍ଗା ଶିଶୁ ମନ୍ଦିର ବିଜ୍ଞାନ ମେଳାକୁ ପ୍ରଧାନ ଆଚାର୍ଯ୍ୟ ତାପସ ଦେହୁରୀ ଉଦ୍‌ଘାଟନ କରିଥିଲେ। ନନ୍ଦପୁର ଉପ୍ରା ବିଦ୍ୟାଳୟର ଶିକ୍ଷକ ସତ୍ୟଜିତ ପ୍ରଧାନ ଓ ସୁବ୍ରତ ସ୍ୱାଇଁ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ଶତାଧିକ ଅଭିଭାବିକା ଓ ଅଭିଭାବକ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ।

## ଦୁଇ ଶହରୁ ଉର୍ଦ୍ଧ୍ୱ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତାମାନେ।

ତାଳଚେର,୫।୯(ନି.ପ୍ର.)

ଆମ ପ୍ରତିଭା ଆମ ପରିଚୟ ପକ୍ଷରୁ ୧୬ତମ ଗୁରୁ ପୂଜନ ଓ ପ୍ରତିଭା ସମ୍ମାନ ଉତ୍ସବ ଦେଉଳବେଡାସ୍ଥିତ ମଙ୍ଗଳମ୍ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ରମେଶ ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡ.ସଦାଶିବ ପ୍ରଧାନ, ମୁଖ୍ୟବକ୍ତା ଭାବେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ପ୍ରଫେସର ବିରଞ୍ଚି ନାରାୟଣ ସାମଲ, ସମ୍ମାନିତ ଅତିଥି ଭାବେ ଏମ୍‌ସିଏଲ୍ ଲିଙ୍ଗରାଜ କ୍ଷେତ୍ର ମହାପ୍ରବନ୍ଧକ ଆର.ଭି. ଲିଙ୍ଗେ, ଶିକ୍ଷାବିତ୍ ବୃନ୍ଦାବନ ସାହୁ ପ୍ରମୁଖ ଯୋଗ ଦେଇ ଗୁରୁ ଦିବସ ପାଳନର ତାତ୍ପର୍ଯ୍ୟ ଓ ଗୁରୁ-ଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ନିମନ୍ତ୍ରିତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପୂଜା କରାଯାଇଥିଲା। ମନୋଜ କୁମାର ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ଡ. ନିମାଇଁ ଚରଣ ପ୍ରଧାନ ବିବରଣୀ ପାଠ କରିଥିଲେ। ପରେ ମନୋଜ କୁମାର ପ୍ରଧାନଙ୍କ ରଚିତ ପୁସ୍ତକ ‘ମୁଁ ତାଳଚେର କହୁଛି’ ଓ ହରମୋହନ ପ୍ରଧାନଙ୍କ ଆଧ୍ୟାତ୍ମିକ ପୁସ୍ତକ ‘ଭାବ ବିନତୀମାଳା’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଜିଲାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଦୁଇ ଶହରୁ ଉର୍ଦ୍ଧ୍ୱ ପ୍ରତିଭା ସମ୍ପନ୍ନ ବ୍ୟକ୍ତି, ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା’ ହିଙ୍ଗୁଳା ପାଠାଗାରକୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଶାନ୍ତ କୁମାର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସନ୍ତୋଷ କୁମାର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ସଞ୍ଜୟ ସାହୁ, କୁଶଧ୍ୱଜ ସାମଲ, କେଶବ ସେନାପତି, ସନ୍ତୋଷ କୁମାର ପ୍ରଧାନ, ବାସୁଦେବ ସାହୁ ପ୍ରମୁଖଙ୍କ ସହ ବହୁ କର୍ମକର୍ତ୍ତା ସହଯୋଗ କରିଥିଲେ।

# ସୁରକ୍ଷା ଦେବ ମର୍ଯ୍ୟାଦା ଆପ୍

ପାଲଲହଡ଼ା, ୫।୯(ଡି.ଏନ.ଏ.)


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀମାନେ।

ନାରୀ ନିର୍ଯାତନା ରୋକିବା ଦିଗରେ ପ୍ରଥମ ଥର ପାଇଁ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ଅନୁଗୋଳ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ‘ମର୍ଯ୍ୟାଦା’ ଆପ୍ ସମ୍ପର୍କରେ ପାଲଲହଡ଼ା ମାଲ୍ୟଗିରି ଛାତ୍ରୀମାନଙ୍କୁ ସଚେତନ କରାଯାଇଛି। ଏ ନେଇ ମଙ୍ଗଳବାର ଜିଲା ଏବଂ ଉପଖଣ୍ଡ ପୋଲିସ ପକ୍ଷରୁ ମିଳିତ ଭାବେ ଏକ ସଚେତନତା ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଗୋଳ ଡିଏସ୍‌ପି ଉମେଶ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ, ପୂର୍ବରୁ କୌଣସି ମହିଳା କିମ୍ବା ଛାତ୍ରୀ ନିର୍ଯାତନା କିମ୍ବା ଅସଦାଚରଣର ଶିକାର ହେଉଥିଲେ ମଧ୍ୟ ବିଭିନ୍ନ କାରଣରୁ ସେମାନେ ପୋଲିସ ନିକଟରେ ଅଭିଯୋଗ କରିପାରୁ ନ ଥିଲେ। ହେଲେ ମର୍ଯ୍ୟାଦା ଆପ ସାହାଯ୍ୟରେ ସେମାନେ ଯେ କୌଣସି ପରିସ୍ଥିତିରେ ଥିଲେ ବି ସହଜରେ ପୋଲିସର ସାହାଯ୍ୟ ନେଇପାରିବେ। ଏହି ଆପ୍‌ରେ ଅଭିଯୋଗକାରୀଙ୍କ ନାମ ସମ୍ପୂର୍ଣ୍ଣ ଗୋପନ ରହିଥାଏ। ତେଣୁ ଏହା ସମ୍ପୂର୍ଣ୍ଣ ଭାବେ ମହିଳାଙ୍କୁ ସୁରକ୍ଷା ଦେଇପାରିବ ବୋଲି ପଣ୍ଡା ପ୍ରକାଶ କରିଥିଲେ। ଏଥିସହ ଏହି ଆପ୍ ଜରିଆରେ ଜଣେ ଜରୁରିକାଳୀନ ପରିସ୍ଥିତିରେ ବି ପୋଲିସକୁ କିପରି ସୂଚନା ଦେଇପାରିବ ସେ ଦିଗରେ ପଲଲହଡା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାଲଲହଡା ଉପଖଣ୍ଡ ପୋଲିସ ଅଧିକାରୀ ଯଶୋବନ୍ତ ସାମଲ, ଥାନା ଏସ୍‌ଆଇ ସମରଜିତ ନାୟକ, କଲେଜ ଅଧକ୍ଷ ପ୍ରିୟତମ ସାହୁଙ୍କ ସହ ବହୁ ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀମାନେ ଯୋଗ ଦେଇଥିଲେ।

ଧରିତ୍ରୀର ଢେଙ୍କାନାଳ – ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୬୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### କାର୍ ଧକ୍କାରେ ଜଣେ ଗୁରୁତର

ବଆଁରପାଳ, ୫ା୯(ଡି.ଏନ.ଏ.)- ନାଲ୍କୋ ଥାନା ୫୫ ନଂ. ଜାତୀୟ ରାଜପଥର କୁଲାଡ ଛକ ନିକଟରେ ବୁଧବାର ସକାଳେ ଏକ କାର୍ ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସେ ନାଲ୍କୋ ଛକରୁ ଏକ ଇଟା ଫାକ୍ଟ୍ରିକୁ ଯାଉଥିବାବେଳେ ଅପରପାର୍ଶ୍ୱରୁ ଆସୁଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଆହତଙ୍କ ପରିଚୟ ଜଣାପଡିନାହିଁ। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ମାଗଣା କର୍କଟ ଚିକିତ୍ସା ଶିବିର




ବଆଁରପାଳ, ୫ା୯(ଡି.ଏନ.ଏ.)- ବଆଁରପାଳସ୍ଥିତ ନାଲ୍କୋ ନେସ୍ କାର୍ଯ୍ୟାଳୟ ପରିସରରେ ଏକ ମାଗଣା କର୍କଟ ରୋଗ ଚିକିତ୍ସା ଶିବିର ବୁଧବାର ଅନୁଷ୍ଠିତ ହୋଇଥିଲା। ଏଚ୍‌ସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲ କଟକ ତରଫରୁ ଏହି ଶିବିର ଆୟୋଜନ କରାଯାଇଥିଲା। ଡାକ୍ତର ମଞ୍ଜୁନାଥ, ଏନ୍‌ଏମଏଲ, ଡା. ରାମେଶ୍ୱର ଜେନା, ଶକ୍ତି ପ୍ରସାଦ ଦାସ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଶିବିରରେ ୨୦ରୁ ଉର୍ଦ୍ଧ୍ୱ କର୍କଟ ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା।

### ଅପହରଣ ଅଭିଯୋଗରେ ନାବାଳକ ଅଟକ

ବଆଁରପାଳ, ୫ା୯(ଡି.ଏନ.ଏ.)- ବଆଁରପାଳ ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଅପହରଣ କରିବା ଅଭିଯୋଗରେ ବଆଁରପାଳ ପୋଲିସ ବୁଧବାର ଜଣେ ନାବାଳକଙ୍କୁ ଅଟକ ରଖିଛି। ଗତ ୨ ତାରିଖରେ ଛାତ୍ରୀଜଣକ କଲେଜରୁ ଫେରୁଥିବାବେଳେ ସମ୍ପୃକ୍ତ ନାବାଳକ ତାଙ୍କୁ ଅପହରଣ କରିନେଇଥିବା ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୧୬୮/୧୮ରେ ଏକ ମାମଲା ରୁଜୁ କରିଥିଲା। ପରେ ନାବାଳକ ଜଣକ ଛାତ୍ରୀଙ୍କୁ ବନ୍ତଲା ଅଞ୍ଚଳରେ ରଖିଥିବା ଖବରପାଇ ପୋଲିସ ତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଅଟକ ରଖିଛି।

### ବାଇକ୍‌ରୁ ପଡ଼ି ଯୁବକ ଗୁରୁତର

ଛେଣ୍ଡିପଦା,୫ା୯(ଡି.ଏନ.ଏ.)- ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ଗ୍ରାମଠାରେ ବାଇକ୍‌ରୁ ଖସିପଡି ଦୟାନିଧି ସାହୁ(୩୨) ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଆହତଙ୍କ ଘର ଜରପଡା ଥାନା ଦୁର୍ଗାପୁର ଗ୍ରାମରେ ବୋଲି ଜଣାପଡିଛି।

### ବଇଣ୍ଡା, ହଣ୍ଡପାରେ ନନ୍ଦୋତ୍ସବ

ବଇଣ୍ଡା,୫ା୯(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ରାଧାକୃଷ୍ଣ ମନ୍ଦିର ଓ ହଣ୍ଡପା ଗ୍ରାମରେ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବଇଣ୍ଡାଠାରେ ରାଧାକୃଷ୍ଣ ବେଶରେ କୁନି ଶିଶୁମାନେ ନୃତ୍ୟ ପରିବେଷଣ କରିଥିଲେ। ସଙ୍ଗୀତ ଗୁରୁ ନରେନ୍ଦ୍ର ବେହେରା ଓ ସାଥିମାନେ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ହଣ୍ଡପାରେ ନନ୍ଦୋତ୍ସବରେ ୧୦ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଗ୍ରାମର ଜଳଧର ସାହୁ, ସନ୍ତୋଷ ସାହୁ, ଦିଲୀପ ବେହେରା, ରମାକାନ୍ତ ବେହେରା, ମଦନ ମୋହନ ମିଶ୍ରଙ୍କ ସମେତ ହଣ୍ଡପା ଓ ବଇଣ୍ଡା ଗ୍ରାମବାସୀ ସହଯୋଗ କରିଥିଲେ।

### ଭାଜପାର ମିଶ୍ରଣ ପର୍ବ

ଛେଣ୍ଡିପଦା,୫ା୯(ସ୍ୱ.ପ୍ର.)- ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ଦୁର୍ଗାପୁର ଟାଙ୍ଗର ସାହିଠାରେ ଭାଜପା ଜରପଡା ମଣ୍ଡଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଜରପଡା ଭାଜପା ଯୁବମୋର୍ଚ୍ଚା ସଭାପତି ଚିତ୍ତରଞ୍ଜନ ଦାସଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବରେ ସନ୍ତୋଷ ନାଏକ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଦୁର୍ଗାପୁର ପଞ୍ଚାୟତର ବିଜେଡି ୱାର୍ଡମେମ୍ବର ଶ୍ରୀପତି ସେଠୀଙ୍କ ସହିତ ଶତାଧିକ ବିଜେଡି କର୍ମୀ, ଗ୍ରାମର ୩ ଟି ସ୍ୱୟଂ ସହାୟକ ଗୋଷ୍ଠୀର ୨୦ ସଦସ୍ୟା ଭାଜପାରେ ସାମିଲ ହୋଇଥିଲେ।

---

■ବ୍ଲକ ଶିକ୍ଷା ଅଧିକାରୀଙ୍କୁ ବଦଳି ଦାବି

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଗୁରୁ



ଶିକ୍ଷୟିତ୍ରୀ ଶିକ୍ଷକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ଅନୁଗୋଳ ଅଫିସ, ୫ା୯

ତାଳଚେର ବ୍ଲକ ଶିକ୍ଷା ଅଧିକାରୀଙ୍କ ବଦଳି ଦାବିରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ତାଳଚେର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟକଳାପ ନେଇ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅତିଷ୍ଠ ହୋଇପଡ଼ିଲେଣି। ଏପରି କି ସମ୍ପୃକ୍ତ ଅଧିକାରୀଙ୍କ କଟୁକଥା ଯୋଗୁ ସେମାନେ ମାନସିକ ଚାପରେ ରହୁଛନ୍ତି। ତେଣୁ ତୁରନ୍ତ ତାଙ୍କୁ ବଦଳି କରିବାକୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଦାବି କରିଥିଲେ।

ସକାଳୁ ବର୍ଷାକୁ ଖାତିର ନ କରି ଶିକ୍ଷୟିତ୍ରୀ ଶିକ୍ଷକମାନେ ହାତରେ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେମାନେ କହିଥିଲେ, ତାଳଚେର ବ୍ଲକ ଶିକ୍ଷା ଅଧିକାରୀ ମୌସୁମୀ ସାହୁ ସବୁ ସମୟରେ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନିରୁତ୍ସାହିତ କରୁଛନ୍ତି। ସ୍କୁଲ ପରିଦର୍ଶନ ବେଳେ ଶିକ୍ଷକମାନଙ୍କୁ ଖରାପ ଭାଷାରେ ଗାଳି କରୁଛନ୍ତି। ଫଳରେ ଗୀତାଞ୍ଜଳି ମିଶ୍ର, ପ୍ରମୋଦ ସାମନ୍ତରାୟ, ସୌଦାଗର ପ୍ରଧାନ, ସୁଶାନ୍ତ ଜ୍ୟୋତିଷ, ପ୍ରମୋଦ ପଟ୍ଟନାୟକ ଓ ବିଷ୍ଣୁ ପ୍ରସାଦ ଧର ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ମାନସିକ ଚାପରେ ଅଛନ୍ତି। ଏଥିସହ ପଞ୍ଚମ ବର୍ଗ (ଏକ୍ସ କ୍ୟାଡର)ର ୨୯ ଜଣ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଚାରିମାସର ଆଲଟମେଣ୍ଟ ରାଶି ଥାଇ ସୁଦ୍ଧା ବ୍ଲକ ଶିକ୍ଷା ଅଧିକାରୀ ଦରମା ପ୍ରଦାନ କରି ନ ଥିଲେ। ଉପରିସ୍ଥ ଅଧିକାରୀମାନଙ୍କୁ ଜଣାଇ ସୁଫଳ ନ ମିଳିବାରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବା ପରେ ଦରମା ପ୍ରଦାନ କରାଯାଇଥିଲା। ତେଣୁ ତୁରନ୍ତ ଏପରି ଅଧିକାରୀଙ୍କୁ ବଦଳି କରିବାକୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଦାବି କରିଥିଲେ।

## ରେଙ୍ଗାଳି ଡ୍ୟାମ୍‌ର ଗୋଟିଏ ଗେଟ୍ ବନ୍ଦ

କଣିହାଁ, ୫ା୯(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ବ୍ରାହ୍ମଣୀ ନଦୀର ରେଙ୍ଗାଳି ଡ୍ୟାମ୍‌ର ଗୋଟିଏ ଗେଟ୍ ବୁଧବାର ବନ୍ଦ କରାଯାଇଛି। ଜଳସ୍ତର ବୃଦ୍ଧି ଯୋଗୁ ଜଳ ନିଷ୍କାସନ ପାଇଁ ସୋମବାର ଓ ମଙ୍ଗଳବାର ଡ୍ୟାମର ମୋଟ ୨ଟି ଗେଟ ଖୋଲାଯାଇଥିଲା। ଡ୍ୟାମ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଅଜିତ ଜେନାଙ୍କ ସୂଚନାରୁ ଜଣାଯାଏ, ସକାଳ ୯ଟାରେ ଗୋଟିଏ ଗେଟ୍ ବନ୍ଦ କରାଯାଇଛି। ଖୋଲା ଥିବା ଆଉ ଗୋଟିଏ ଗେଟ୍ ଦେଇ ସେକେଣ୍ଡ ପ୍ରତି ୨୧ଶହ ଘନମିଟର ଜଳ ନିଷ୍କାସିତ ହେଉଛି। ଡ୍ୟାମକୁ ଶାଖା ନଦୀରୁ ୨ ହଜାର ଘନମିଟର ଜଳ ପ୍ରବେଶ କରୁଛି। ଖବରଲେଖା ହେବା ପର୍ଯ୍ୟନ୍ତ ଡ୍ୟାମରେ ଜଳସ୍ତର ୧୨୨.୨୭ ମିଟର ରହିଛି।

## ମା'ଙ୍କ ପ୍ରତିଷ୍ଠା ଉତ୍ସବରେ ପୋଷାକ ବଣ୍ଟନ

କଣିହାଁ, ୫ା୯(ଡି.ଏନ୍.ଏ.)

କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ଓସିସି କଲୋନୀ ବାବା ଆଖଣ୍ଡଳମଣି ମନ୍ଦିର ପରିସରରେ ମା' ସନ୍ତୋଷୀଙ୍କ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ପୂଜା କାର୍ଯ୍ୟ ଯଥାବିଧି ସମ୍ପନ୍ନ ହୋଇଥିଲା। ଏହି ଅବସରରେ ୪୭୬ ଅସହାୟ ବୃଦ୍ଧାବୃଦ୍ଧ, ଛୋଟ ପିଲାଙ୍କୁ ପୋଷାକ, ଛତା ଆଦି ପ୍ରଦାନ କରାଯାଇଥିଲା। ମନ୍ଦିର ମୁଖ୍ୟ ପରିଚାଳକ ବାବା ଆକୁଳି ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




କର୍ମଚାରୀ, ଅଧିକାରୀମାନେ ଶପଥପାଠ କରୁଛନ୍ତି।

## ଏନ୍‌ଟିପିସି ପକ୍ଷରୁ ହିନ୍ଦୀ ପାକ୍ଷିକ

ତାଳଚେର,୫ା୯(ନି.ପ୍ର.)

ଏନ୍‌ଟିପିସି କଣିହାଁ ପକ୍ଷରୁ ହିନ୍ଦୀ ପାକ୍ଷିକ (ପଖୱାଡା) ଆୟୋଜନ କରାଯାଇଛି। ଏହା ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଜେନେରାଲ ମ୍ୟାନେଜର ଏ.କେ. ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରି କର୍ମଚାରୀ ଓ ଅଧିକାରୀଙ୍କୁ ଶପଥ ପାଠ କରାଇଥିଲେ। ଅଫିସ କାମରେ ହିନ୍ଦୀର ବହୁଳ ବ୍ୟବହାର ଉପରେ ତ୍ରିପାଠୀ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ଅଧିକାରୀ, କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯାଇଛି। ଏଥିରେ କର୍ମଚାରୀ, ତାଙ୍କ ପରିବାର, ଛୋଟ ପିଲାମାନେ ଅଂଶଗ୍ରହଣ କରି ପାରିବେ।

## ୧୯ନଂ. ଜୋନ କଂଗ୍ରେସ ବୈଠକ

ତାଳଚେର,୫ା୯(ନି.ପ୍ର.)

ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀ ୧୯ନଂ. ଜିଲା ପରିଷଦ କ୍ଷେତ୍ର କଂଗ୍ରେସର ଏକ ସାଙ୍ଗଠନିକ ବୈଠକ ମଙ୍ଗଳବାର ଗୋଡିବନ୍ଧ ଛକଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କଂଗ୍ରେସ ସଭାପତି ହାଡିବନ୍ଧୁ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଅନୁଗୋଳ ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା, କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ବେହେରା, ପ୍ରଦେଶ କଂଗ୍ରେସ ସମ୍ପାଦକ ବିଜୟ ଚାଉଳିଆ, ଢେଙ୍କାନାଳ ଲୋକ ସଭା ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସୁବ୍ରତ ଗଡନାୟକ ପ୍ରମୁଖ ଯୋଗ ଦେଇଥିଲେ। ପବିତ୍ର ନାଏକ, ୧୮ନଂ. ଜୋନ ସଭାପତି ବିଦ୍ୟାଧର ବେହେରା, ୧୯ ନଂ ଜିଲା ପରିଷଦ କ୍ଷେତ୍ର ସଭାପତି ବିମଳ ବେହେରା, କାର୍ଯ୍ୟକାରୀ ସଭାପତି ଗିରିଜା ଶଙ୍କର ମିଶ୍ର, ୨୧ ନଂ. ଜୋନ ସଭାପତି ଦାଶରଥି ସାହୁ, ୨୦ ନଂ. ଜୋନ କାର୍ଯ୍ୟକାରୀ ସଭାପତି ରାହାସ ପଟ୍ଟନାୟକ, ବିରଞ୍ଚି ଧର, ଡାକ୍ତର ମହାନ୍ତି, ଉଦୟମଣି ଗଡନାୟକ, ବଂଶୀଧର ନାଏକଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

---

# ଯୋଜନାରୁ ବଞ୍ଚିତ ନ ହୁଅନ୍ତୁ ଦିବ୍ୟାଙ୍ଗ



ବଇଣ୍ଡା, ୫ା୯(ଡି.ଏନ.ଏ.)

ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସରକାରୀ ଯୋଜନା ସେମାନଙ୍କ ନିକଟରେ ପହଞ୍ଚିବା ଜରୁରୀ। ଅନେକ ସ୍ଥାନରେ ସେମାନେ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ସମସ୍ତ ସରକାରୀ ଅଧିକାରୀ ଯତ୍ନବାନ ହେବା ଆବଶ୍ୟକ ବୋଲି ବୁଧବାର କିଶୋରନଗର ହାଇସ୍କୁଲଠାରେ ଜିଲା ପ୍ରଶାସନ ଅନୁଗୋଳ ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗ କିଶୋରନଗର ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ଅନୁଷ୍ଠିତ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ-୨୦୧୮ରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଆଠମଲ୍ଲିକ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ ମୁଖ୍ୟଅତିଥି, ସମ୍ମାନିତ ଅତିଥି କିଶୋରନଗର ବିଡିଓ ଅମୃତା ପ୍ରିୟମ୍ବଦା, ବ୍ଲକ ଅଧ୍ୟକ୍ଷ ବବିତା ପ୍ରଧାନ, ଉପଖଣ୍ଡ ପଞ୍ଚାୟତ ଅଧିକାରୀ ସୁଜାତା ତ୍ରିପାଠୀ, ପ୍ରଗତୀ ସହାୟକ ହୃଷୀକେଶ ପଣ୍ଡା ଯୋଗ ଦେଇଥିଲେ। ଏଥିରେ ୬୭୦ ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କୁ ଠିକ୍ ଭାବେ ସେବା ଯୋଗାଇଦେବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ଅକ୍ଟୋବର ୮ରେ ରକ୍ତଦାନ ଶିବିର

ଛେଣ୍ଡିପଦା,୫ା୯(ଡି.ଏନ.ଏ.)

ଛେଣ୍ଡିପଦା ଶିଶୁମନ୍ଦିର ପକ୍ଷରୁ ବୁଧବାର ଗୁରୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ରଥଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଚନ୍ଦ୍ରମଣି ପ୍ରଧାନ, ସାମାଜିକକର୍ମୀ ଅଭୟ କୁମାର ରାୟ, ଦୀପକ କୁମାର ପ୍ରଧାନ, ସଦସ୍ୟ ମୋହନ ଚରଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆସନ୍ତା ଅକ୍ଟୋବର ୮ରେ ଏକ ରକ୍ତଦାନ ଶିବିର ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ବସିଥିଲା।

## ଋଣ ନ ଶୁଝିବାରୁ ଦୋକାନ ସିଲ୍

ବଆଁରପାଳ, ୫ା୯(ଡି.ଏନ.ଏ.)

ନାଲ୍କୋ ଥାନା କୁଲାଡ଼ଠାରେ ଥିବା ଜଗଦୀପ ଟ୍ରେଣ୍ଡିଂ ନାମକ ଏକ ଦୋକାନକୁ ବୁଧବାର ଦେନା ବ୍ୟାଙ୍କ ପକ୍ଷରୁ ପୋଲିସ ସହାୟତାରେ ସିଲ୍ କରିଦିଆଯାଇଛି। ୨୦୧୫ ରୁ ଦୋକାନୀ ରଞ୍ଜନ ଅମାନ୍ତ ୨୨ ଲକ୍ଷ ଟଙ୍କା ଲୋନ କରିଥିଲେ। ସେଥିରୁ ୧୭ ଲକ୍ଷ ଟଙ୍କା ସେ ଶୁଝି ନ ପାରିବାରୁ ତାଙ୍କ ଦୋକାନ ସିଲ୍ କରିଦିଆଯାଇଥିବା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ପ୍ରକାଶ।

■ମୋରମ ଚାଲାଣକୁ ନେଇ ଉତ୍ତେଜନା

# କମ୍ପାନୀ କର୍ମଚାରୀଙ୍କୁ ଅଟକ ରଖିଲେ ଗ୍ରାମବାସୀ

ଛେଣ୍ଡିପଦା,୫ା୯ (ସ୍ୱ.ପ୍ର./ଡି.ଏନ.ଏ.)



ଅନୁଗୋଳ ଜିଲା ଜରପଡା ଥାନା ଅନ୍ତର୍ଗତ କତଡା ଗ୍ରାମ ନିକଟରୁ ମୋରମ ଚାଲାଣକୁ ନେଇ ବୁଧବାର ଅପରାହ୍ନରେ ଗ୍ରାମବାସୀ ଓ ଏକ ଠିକସଂସ୍ଥା ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାକୁ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ପରେ ଉତ୍ୟକ୍ତ ଗ୍ରାମବାସୀ ସଂସ୍ଥା କର୍ମଚାରୀଙ୍କୁ କୋଠଘରଠାରେ ଅଟକ ରଖିଥିଲେ।

ପୋଲିସ ସୂତ୍ରରୁ ପ୍ରକାଶ, କତଡା ଗ୍ରାମ ନିକଟରେ ଥିବା ମୋରମ ଖାଦାନରୁ ୫୫ ନମ୍ବର ଜାତୀୟ ରାଜପଥ ଦୋହରୀକରଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ସେଠାରୁ ମେସିନ ଲଗାଇ ମୋରମ ଆଣିଲା ବେଳେ ଗ୍ରାମବାସୀ ଏହାର ବିରୋଧ କରିଥିଲେ। ଏ ନେଇ ଠିକାସଂସ୍ଥା କର୍ମଚାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଗ୍ରାମବାସୀ କମ୍ପାନୀ କର୍ମଚାରୀଙ୍କୁ କୋଠଘରଠାରେ ଅଟକ ରଖିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ନିକଟସ୍ଥ ବିରାନାଳ ପାହାଡ ଓ ପାଖରେ ଥିବା ଏକ ଖୋଲା ପଡିଆରୁ ବେଆଇନ ଭାବେ ମୋରମ ଖୋଳି ଠିକାସଂସ୍ଥା ଚୋରାରେ ଚାଲାଣ କରୁଛି। ଏ ନେଇ ଜଙ୍ଗଲ ବିଭାଗ କିମ୍ବା ଛେଣ୍ଡିପଦା ତହସିଲ ପକ୍ଷରୁ ଅନୁମତି ନିଆଯାଇନାହିଁ। ଏଥିସହ ଗ୍ରାମ ପରିଚାଳନା କମିଟିର ଅଜାଣତରେ ମାଟି ମୋରମ ଖୋଳାଯାଇ ରାସ୍ତା କାର୍ଯ୍ୟ ପାଇଁ ନିଆଯାଉଥିବା ଅଭିଯୋଗ କରି ଲୋକେ ଏହାର ବିରୋଧ କରିଥିଲେ। ଖବରପାଇ ଜରପଡା ପୋଲିସ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଗୁରୁବାର କମ୍ପାନୀ କର୍ମଚାରୀ, ଗ୍ରାମବାସୀ ଓ ପ୍ରଶାସନ ମଧ୍ୟରେ ଏ ନେଇ ଆଲୋଚନା ହେବ ବୋଲି ନିଷ୍ପତ୍ତି ନିଆଯିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

---

■ନାଲ୍କୋ ବିଶ୍ୱକର୍ମା ପୂଜାରେ ପଡିବ ୬ ଶହ ଦୋକାନ

# ଜାଗା ଆବଣ୍ଟନ ପାଇଁ ଲଟେରି



ବଆଁରପାଳ, ୫ା୯(ଡି.ଏନ.ଏ.)

ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବ ପ୍ରସିଦ୍ଧ ନାଲ୍କୋ ବିଶ୍ୱକର୍ମା ପୂଜା। ୭ ଦିନ ଧରି ଚାଲିବାକୁ ଥିବା ଏହି ପୂଜାରେ ଉଠା ଦୋକାନ ବସିବାକୁ ଆରମ୍ଭ ହୋଇଛି ଲଟେରି କାର୍ଯ୍ୟ। ଶାନ୍ତିଶୃଙ୍ଖଳାର ସହ ଲୋକଙ୍କୁ ଦୋକାନ ପାଇଁ ଜାଗା ବାଣ୍ଟିବାକୁ ନାଲ୍କୋ କର୍ତ୍ତୃପକ୍ଷଙ୍କ ତରଫରୁ ଏହି କାର୍ଯ୍ୟ କରାଯାଇଛି। ଏ ନେଇ ବୁଧବାର ନାଲ୍କୋ ଷ୍ଟାଡିୟମଠାରେ ଏକ ଲଟେରି ଉଠାଣ ବ୍ୟବସ୍ଥା କରାଯାଇ ସିରିୟଲ ନମ୍ବର ଅନୁସାରେ ଆବେଦନକାରୀଙ୍କୁ ଜାଗା ଆବଣ୍ଟନ କରାଯାଇଛି। ଏଥିସହ ଏହାର ସ୍ୱତନ୍ତ୍ର ଭାବେ ଭିଡିଓ ରେକର୍ଡିଂ ମଧ୍ୟ କରାଯାଇଛି। ନାଲ୍କୋ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଶତକଡା ୭୦ ଭାଗ ଦୋକାନ ପାଇଁ ଜାଗା ଦିଆଯାଇଛି। ସେହିପରି ଅନୁଗୋଳ ଜିଲା ପାଇଁ ୧୦ ପ୍ରତିଶତ ଓ ବାହାର ଜିଲାବାସୀଙ୍କ ପାଇଁ ଶତକଡା ୨୦ ପ୍ରତିଶତ ଜାଗା ଆବଣ୍ଟନ କରାଯାଇଛି। ଚଳିତ ବର୍ଷ ପ୍ରାୟ ୬ଶହ ଦୋକାନ ଖୋଲାଯିବ ବୋଲି ଜଣାଯାଇଛି। ଏହି ଲଟେରି ଉଠାଣ କାର୍ଯ୍ୟକ୍ରମରେ ବଆଁରପାଳ ତହସିଲଦାର ଜିତେନ୍ଦ୍ର ସାହୁ, ନାଲ୍କୋ ଥାନା ଅଧିକାରୀ ଗୀତାଞ୍ଜଳି ସାହୁ, ନାଲ୍କୋ ମାନବ ସମ୍ବଳ ବିଭାଗ ଡିଜିଏମ ଏସ୍. ଏସ୍. ପଣ୍ଡା, ବରିଷ୍ଠ ପ୍ରବନ୍ଧକ ରାଜାରାମ ମିଶ୍ର, ଇଷ୍ଟେଟ ବିଭାଗ ପ୍ରବନ୍ଧକ ମଣି ପଟ୍ଟନାୟକ, ସନାତନ ପ୍ରଧାନ, ଦୀପକ ସାମଲ, ହରେକୃଷ୍ଣ ନାଥ ପ୍ରମୁଖ ଉପସ୍ଥିତ ଥିଲେ। ନାଲ୍କୋ ଇଡି ରାଜକିଶୋର ମିଶ୍ର, ମହାପ୍ରବନ୍ଧକ ଏସ୍. ଏନ. ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯାଉଛି।

■ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁଦିବସ ପାଳିତ

# ପିଲାଏ ଜାଣିଲେ ଗୁରୁଙ୍କ ଜୀବନ କଥା

ଅନୁଗୋଳ ଅଫିସ,୫ା୯

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଏମ୍‌ବିଏ ବିଭାଗରେ ଗୁରୁ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଦେବାଶିଷ ପଣ୍ଡା, ଦୀପକ ମିଶ୍ର, ଆଶିଷ ମହାପାତ୍ର, ଲିପିକା ଘୋଷ, ବିଶ୍ୱଜିତ ସାହୁ, ସୁଶାନ୍ତ ସାହୁଙ୍କ ସମେତ ଅଧ୍ୟାପିକା ଓ ଅଧ୍ୟାପକ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ସର୍ବେନ୍ଦ୍ର ସାହୁ, ଚନ୍ଦନ ସାହୁ, ଦେବାଶିଷ ବାରିକ, ଅନେଶା ବେହେରା, ଜଗନ୍ନାଥ ସାହୁ, ରଶ୍ମୀ ରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଆଇଏମ୍‌ବିଏ, ଏମ୍‌ବିଏ ଓ ଏମ୍‌କମ୍‌ର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିପରି ଓପି ଜିନ୍ଦଲ ସ୍କୁଲରେ ଗୁରୁ ଦିବସ ପାଳନ କରାଯାଇଥିଲା। ଜେଏସ୍‌ପିଏଲ୍ ମାନବ ସମ୍ବଳ ବିଭାଗ ମୁଖ୍ୟ ଆଲୋକ ମାଲହୋତ୍ରା ଯୋଗଦେଇ ଗୁରୁ ଦିବସର ବିଶେଷତା ଉପରେ ଅଭିମତ ରଖିଥିଲେ। ଅନ୍ୟତମ ଶିକ୍ଷକ ଇମରାନ ପରବେଜ ଗୁରୁ ଦିବସର ବିଶେଷତ୍ୱ ବର୍ଣ୍ଣନା କରିଥିଲେ। ଶିକ୍ଷୟିତ୍ରୀ ସଙ୍ଗୀତା ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ତୁରଙ୍ଗ ମହର୍ଷି ବିଦ୍ୟାମନ୍ଦିର ଅଧ୍ୟକ୍ଷା ଗାୟତ୍ରୀ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଯୋଗଗୁରୁ ସାର୍ବେଶ୍ୱର ଆଚାର୍ଯ୍ୟଙ୍କ ଦ୍ୱାରା ଗୁରୁ ପୂଜନ କରାଯାଇଥିଲା। ଶିକ୍ଷକ ଘନଶ୍ୟାମ ପାଳ, ସର୍ବେଶ୍ୱର ଆଚାର୍ଯ୍ୟ, ରୋଜାଲିନ ସାହୁ, କରବୀ ଦାସ, ମାନସ କୁମାର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପିୟାଲି ବିଶ୍ୱାସ, ସ୍ମିତାରାଣୀ ସିଂ, ସୁନିତା ମିଶ୍ର, ସରସ୍ୱତୀ ରାଉତ, ବାସନ୍ତୀ ମଣ୍ଡଳ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ମିଶ୍ରପଡ଼ା ସ୍ଥିତ ବଚପନ ପ୍ଲେ ସ୍କୁଲରେ ଶିକ୍ଷୟିତ୍ରୀ ମିନତି ପାଢ଼ୀ ଗୁରୁଦିବସର ମହତ୍ତ୍ୱ ସମ୍ପର୍କରେ କୁନି କୁନି ପିଲାଙ୍କୁ ଅବଗତ କରାଇଥିଲେ। ଭୂମିକା, ସ୍ମାଇଲ, ପ୍ରତ୍ୟୁଷା, ସାନଭୀ, ଦିବ୍ୟାଂଶୁ, ରୋଜାଲିନ ପ୍ରିଦର୍ଶନୀ, ଅମୃତାଂଶୁ, ଶାଶ୍ୱନୀ ସ୍ୱସ୍ତିକ, ସୌମ୍ୟଜିତ, ଶ୍ରିତି ଆହାନ, ଆଦିତ୍ୟ ଆନନ୍ଦ, ଆରାଧ୍ୟା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବେଶରେ ପିଲାଙ୍କୁ ଶିକ୍ଷାଦାନ କରିଥିଲେ। ଅଧ୍ୟକ୍ଷା ଯସ୍‌ପାଲ ପଟ୍ଟନାୟକଙ୍କ ନେତୃତ୍ୱରେ ଉପଦେଷ୍ଟା ଇଭାଲିନ ରଥ, ଇପ୍ସିତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।



ଅନୁଗୋଳ କଲେଜ ଏମ୍‌ବିଏ ବିଭାଗରେ ଗୁରୁ ଦିବସ ପାଳନ ଅବସରରେ ଛାତ୍ରୀଛାତ୍ରମାନେ।

ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ଶିଶୁ ବିଦ୍ୟାମନ୍ଦିରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ଭାରତୀୟ ସଂସ୍କୃତିରେ ଗୁରୁଙ୍କ ସ୍ଥାନ ତଥା କେତେକ ଆଦର୍ଶ ଗୁରୁଙ୍କ ଜୀବନୀ ଉପରେ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ଅନିଲ କୁମାର ଦେହୁରୀ, ଯୁଗ୍ମ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ଯୁକ୍ତ ଦୁଇ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁରଥ କୁମାର ପାଢ଼ୀ, ସହ ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା, ନିବେଦିତା ଦାଶ, ଗିରିଜା ଶଙ୍କର ନନ୍ଦ, ବରିଷ୍ଠ ଆଚାର୍ଯ୍ୟ କନ୍ଦର୍ପ ସାହୁ, ସୁଜାତା ନାୟକ ଓ ସମସ୍ତ ଗୁରୁମା, ଗୁରୁଜୀ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ-ଅନୁଗୋଳ, ଗୁରୁବାର, ସେପ୍ଟେମ୍ବର ୬ /୨୦୧୮ Dhenkanal-Angul, Thursday, September 6 / 2018

# ବର୍ଷେ ହେଲା ଗାଁକୁ ଗଡ଼ିନି ଗାଡ଼ି

ଭାପୁର, ୫।୯(ଡି.ଏନ୍.ଏ.)



ଚତରାନାଳ ଲାଗି ବିଚ୍ଛିନ୍ନାଞ୍ଚଳ ପାଲଟିଛି ପଥରଗଡ଼ା। ବର୍ଷର ୬ମାସ ନାଳରେ ଭର୍ତ୍ତି ହୋଇରହୁଛି ପାଣି। ଖଟିଆରେ ବୁହା ହେଉଛନ୍ତି ରୋଗୀ। ଅଗ୍ନିକାଣ୍ଡ ଘଟିଲେ ପହଞ୍ଚିପାରୁନି ଦମକଳ। ଗମନାଗମନରେ କଲବଲ ହେଉଥିବା ଗ୍ରାମବାସୀଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇଥିଲା ବ୍ଲକ ପ୍ରଶାସନ। ଡେରିରେ ହେଲେ ବି ନାଳ ଉପରେ ବ୍ରିଜ୍ ନିର୍ମାଣ କରିବାକୁ ମିଳିଥିଲା ଅନୁମତି। ହେଲେ ନିର୍ମାଣ ଆରମ୍ଭର ବର୍ଷେ ପରେ ବି ସମ୍ପୂର୍ଣ୍ଣ ହୋଇନି କାମ। ଲୋକେ ଯେଉଁ ସମସ୍ୟାରେ ଛନ୍ଦି ହୋଇ ରହିଥିଲେ ସେଥିରୁ ମିଳୁନି ମୁକ୍ତି, ଓଲଟି ମୁଖ୍ୟରାସ୍ତା ଉପରେ ବ୍ରିଜ୍ ତିଆରି ହେଉଥିବାରୁ ବର୍ଷେ ହେଲା ଗାଁକୁ ବନ୍ଦ ହୋଇଯାଇଛି ଗାଡ଼ିମୋଟର। କାମ ତ୍ୱରାନ୍ୱିତ ହେଉ ନ ଥିବାରୁ ଲୋକେ ଜୀବନକୁ ପାଣିଛଡ଼ାଇ ଯାତାୟାତ କରୁଛନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେଲାଣି।

ଢେଙ୍କାନାଳ ସଦର ବ୍ଲକ ଶଙ୍କରପୁର ପଞ୍ଚାୟତର ୧୨ନଂ. ୱାର୍ଡ ଅଧୀନ ପଡ଼ା ଗ୍ରାମ ପଥରଗଡ଼ା। ଲୋକସଂଖ୍ୟା ପାଖାପାଖି ୫୦୦। ପୁରୁଣା କଟକ-ସମ୍ବଲପୁର ରାସ୍ତାଠାରୁ ମାତ୍ର ୧ କିମି ଦୂର ଉକ୍ତ ଗ୍ରାମବାସୀଙ୍କ ପାଇଁ ଦୁଃଖ ସାଜିଛି ଚତରାନାଳ। ଅନ୍ୟ ଦିନ ଅପେକ୍ଷା ବର୍ଷାଋତୁରେ ଗାଁ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ ପରେ ୨୦୧୭ରେ ନାଳ ଉପରେ ପୋଲ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଗଲା। ଏଥିପାଇଁ ୨୦ ଲକ୍ଷ ଟଙ୍କାର ଅଟକଳ କରାଯାଇଛି। ଇତିମଧ୍ୟରେ ୮୦% କାମ ସରିଲାଣି। ହେଲେ ମୁଖ୍ୟ ଯାତାୟାତ ରାସ୍ତା ଉପରେ ପୋଲ ନିର୍ମାଣ କରାଯାଉଥିବାରୁ ଗାଁକୁ ବର୍ଷେ ହେଲା ୪ଚକିଆ ଯାନ, ଆମ୍ବୁଲାନ୍ସ, ଦମକଳ ଗାଡ଼ି ଆସିପାରୁନାହିଁ। ପୋଲ ସୁରକ୍ଷା ବାଡ଼ ପାର୍ଶ୍ୱରେ ମାଟି ପୋତାଯାଇ ନ ଥିବାରୁ ଦେଢ଼ ଫୁଟ ଓସାର କଂକ୍ରିଟ୍ ସ୍ଲାବ ଉପରେ ଲୋକେ ବିପଦସଙ୍କୁଳ ଅବସ୍ଥାରେ ଯିବା ଆସିବା କରୁଛନ୍ତି। ବର୍ଷା ହେଲେ ସ୍କୁଲ ପିଲାଙ୍କ ପଢ଼ା ବନ୍ଦ ହୋଇଯାଉଛି। ଦିନକୁ ଦିନ ସମସ୍ୟା ବଢୁଥିବାବେଳେ ପୋଲ ନିର୍ମାଣ ଶେଷ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଏ ନେଇ ସରପଞ୍ଚ ସୂର୍ଯ୍ୟକାନ୍ତି ସାହୁ କୁହନ୍ତି, ବ୍ଲକ ପ୍ରଶାସନ ପକ୍ଷରୁ କାମ କରାଯାଉଛି। ପୋଲ ନିର୍ମାଣ ତୁରନ୍ତ ସାରିବାକୁ ଅଭିଯୋଗ କରାଯାଇଛି। ବର୍ଷାଦିନ ପୂର୍ବରୁ ମାଟି ପକାଯାଇଥିଲେ ସମସ୍ୟା ହୋଇ ନ ଥାନ୍ତା। ପ୍ରଶାସନର ସାମାନ୍ୟ ଅବହେଳାରୁ ଗାଁ ଲୋକେ ବନ୍ଦୀଜୀବନ କାଟୁଛନ୍ତି। ବିଡିଓ ସରୋଜ କୁମାର ଦତ୍ତ କୁହନ୍ତି, ଲଗାତର ବର୍ଷା ହେବାରୁ ମାଟି ପକାଇବା ସମ୍ଭବ ହେଲାନାହିଁ। ବର୍ଷା ପରେ ପାଗ ଶୁଖିଲା ହେଲେ ଯୁଦ୍ଧକାଳୀନ ଭିତ୍ତିରେ କାମ ଶେଷ କରାଯିବ।

**ପଥରଗଡ଼ାବାସୀଙ୍କ ଦୁଃଖ ଚତରାନାଳ**

- ସରୁନି ପୋଲ ନିର୍ମାଣ କାମ
- ବିଚ୍ଛିନ୍ନାଞ୍ଚଳ କଷ୍ଟ ଭୋଗୁଛନ୍ତି ଗ୍ରାମବାସୀ

## ଏମାନେ ଯାହା କୁହନ୍ତି

### ସାଇକେଲ, ବାଇକ୍ ଥାଇ ଦୁର୍ଦ୍ଦଶା ଭୋଗୁଛୁ



“ବାରମ୍ବାର ଅଭିଯୋଗ କରିବା ପରେ ଚତରାନାଳ ଉପରେ ପୋଲ ନିର୍ମାଣ ହେଉଛି। ହେଲେ ପ୍ରଶାସନର ଅବହେଳା ଯୋଗୁ ବର୍ଷାଦିନ ପୂର୍ବରୁ କାମ ଶେଷ ହୋଇପାରିଲାନାହିଁ। ସାଇକେଲ, ବାଇକ୍ ଥାଇ ମଧ୍ୟ ଦୁର୍ଦ୍ଦଶା ଭୋଗୁଛୁ। ଗାଁରୁ ୧ କିମି ଚାଲି ଚାଲି ପିଚୁ ରାସ୍ତା ପର୍ଯ୍ୟନ୍ତ ଯିବାକୁ ପଡୁଛି।

-ଅଶୋକ ନାଏକ

### କାନ୍ଧରେ ବୁହା ହେଉଛନ୍ତି ରୋଗୀ



“ପୋଲ ନିର୍ମାଣ କାମ ସରୁନାହିଁ। ରୋଗୀ ଏବେ ବି କାନ୍ଧରେ ବୁହାହୋଇ ଡାକ୍ତରଖାନା ଯାଉଛନ୍ତି। ଅନ୍ୟ କୌଣସି ଉପାୟ ନ ଥିବାରୁ ପୋଲ ବାଡ଼ ଉପରେ ବିପଦସଙ୍କୁଳ ଅବସ୍ଥାରେ ଯିବାକୁ ପଡୁଛି। ବର୍ଷା ଆସିଲେ ବେଶି ଭୟ ଲାଗୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ।

-ଲତା ନାଏକ

### ସମସ୍ୟା ବଢ଼ିଯାଇଛି



“ନାଳ ଉପରେ ପୋଲ ନିର୍ମାଣ ହେଲେ ଦୀର୍ଘଦିନର ସମସ୍ୟା ଦୂର ହେବ ବୋଲି ଆଶା ବାନ୍ଧିଥିଲୁ। କିନ୍ତୁ ଏବେ ସମସ୍ୟା ବଢ଼ିଯାଇଛି। ବିଚ୍ଛିନ୍ନାଞ୍ଚଳ ଭଳି ବାସ କରିବାକୁ ପଡୁଛି। ପିଲାଙ୍କ ପାଠପଢ଼ା, ରୋଗୀସେବା ଅପହଞ୍ଚ ହୋଇ ରହିଛି। ନିର୍ମାଣ କାର୍ଯ୍ୟ ମଧ୍ୟ ନିମ୍ନମାନର ହୋଇଛି। ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଟଣାଓଟରା ଯୋଗୁ ନିରୀହ ଗ୍ରାମବାସୀ ବଳି ପଡ଼ିଛୁ। ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରୁ।

-ବେଣୁଧର ନାଏକ



ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଅତିଥିମାନେ।

■ଅଲଟେରନେଟିଭ୍ ରିଦମ ଥିଏଟରର ସ୍ୱନକ୍ଷତ୍ର ଉତ୍ସବ

# ନାଟ୍ୟ ପାଠାଗାର ପ୍ରତିଷ୍ଠା ନିଷ୍ପତ୍ତି

ଢେଙ୍କାନାଳ ଅଫିସ, ୫।୯

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଶିଶୁଗୃହରେ ନାଟ୍ୟାନୁଷ୍ଠାନ ‘ଅଲଟର୍‌ନେଟିଭ ରିଦମ ଥିଏଟର’ର ୫ମ ସ୍ୱନକ୍ଷତ୍ର ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ଦୀନେଶ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଅବନୀକାନ୍ତ ପଟ୍ଟନାୟକ ଯୋଗଦେଇଥିଲେ। ଅବହେଳିତ ବର୍ଗର ଶିଶୁଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ଦୀର୍ଘ ୫ବର୍ଷ ହେଲା ଅନୁଷ୍ଠାନ ଉଦ୍ୟମ ଜାରି ରଖିଛି। କଳାକାରମାନେ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ନାଟକ ପରିବେଷଣ କରି ପ୍ରଶଂସା ସାଉଁଟୁଛନ୍ତି। ଏହି ଧାରା ଜାରି ରଖିବାକୁ ମୁଖ୍ୟଅତିଥି ଆହ୍ୱାନ ଦେଇଥିଲେ। ଆଗାମୀ ଦିନର ପ୍ରତି ମାସରେ ଗୋଟିଏ ନାଟକ ପରିବେଷଣ ସହ ନାଟକ ଉପରେ ଜ୍ଞାନ ଆହରଣ କରିବାକୁ ଅନୁଷ୍ଠାନ ପକ୍ଷରୁ ନାଟ୍ୟ ପାଠାଗାର ପ୍ରତିଷ୍ଠା କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

ବରିଷ୍ଠ ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ଅନୁଷ୍ଠାନର ଉପଦେଷ୍ଟା ପ୍ରଦୀପ କୁମାର ସାହୁ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ରାଜ୍ୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଅନୁଷ୍ଠାନର ଶିଳ୍ପୀ ମୁକ୍ତିକାନ୍ତ ଦାଶ, ସୁରଜ ବିଶ୍ୱାଳଙ୍କୁ ଅତିଥିମାନେ ପ୍ରଶଂସା କରିଥିଲେ। ଅଧ୍ୟାପିକା ଡ. ପୁଷ୍ପଲତା ରଥ, ଦୀପ୍ତିବାଳା ମିଶ୍ର, କାମାକ୍ଷା ପ୍ରସାଦ ରଣା, ଅର୍ଚ୍ଚନା ବାରିକ, ଅମିତାରାଣୀ ଦେହୁରୀ, ପବିତ୍ର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ମନୋହର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷକଙ୍କୁ ଚାରା ଉପହାର

ଢେଙ୍କାନାଳ ଅଫିସ, ୫।୯



ଢେଙ୍କାନାଳ ସଦର ବ୍ଲକ କଳାପାଣି ଛକସ୍ଥିତ ରୟାଲ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ନିଆରା ଢଙ୍ଗରେ ପାଳନ କରିଛନ୍ତି ଗୁରୁଦିବସ। ପିଲାମାନେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଚରଣ ବନ୍ଦନା କରିବା ପରେ ଉପହାର ସ୍ୱରୂପ ଚାରା ପ୍ରଦାନ କରିଥିଲେ। ସ୍କୁଲ ପରିସରରେ ବୃକ୍ଷର ଉପାଦେୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ବରିଷ୍ଠ ଶିକ୍ଷକ ଶ୍ୟାମସୁନ୍ଦର ବେହେରା, ଶିକ୍ଷୟିତ୍ରୀ ତପସ୍ୱିନୀ ବିଦ୍ଧାଣି ପ୍ରମୁଖ ଗୁରୁଦିବସର ମାହାତ୍ମ୍ୟ, ଛାତ୍ର ଜୀବନରେ ଗୁରୁଙ୍କ ଭୂମିକା ସମ୍ପର୍କରେ ଧାରଣା ଦେଇଥିଲେ। ଏଥିରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ। ସେହିପରି ମହାବୀର ବଜାର ମମତା ମଣ୍ଡପରେ ଆମେଚର ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ଗୁରୁଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ କ୍ରୀଡ଼ା ଘୋଷକ ଅମୀୟ ଚାନ୍ଦ ଯୋଗଦେଇଥିବାବେଳେ ଅନୁଷ୍ଠାନର ସମ୍ପାଦକ ଇଂ. ସୌମ୍ୟବ୍ରତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତୈଳିକ ବୈଶ୍ୟ ମହାସଭା ବୈଠକ

ବନ୍ତଳା, ୫।୯ (ଡି.ଏନ.ଏ.)

ଅନୁଗୋଳ ଜିଲା ମଦନମୋହନ ତୈଳିକ ବୈଶ୍ୟ ମହାସଭାର ବୈଠକ ବୁଧବାର ପୁରୁଣାଗଡ଼ ମଦନମୋହନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାସଭା ଉପଦେଷ୍ଟା ମହେଶ୍ୱର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ପୁରୁଣାଗଡ଼ ଶାସନ ବଜାର, ବନ୍ତଳା ବଜାରର ୪ଟି ସାହି, ବଇଣ୍ଡା, ଟିକରପଡ଼ା, ଜଗନ୍ନାଥପୁର, ପୋକତୁଙ୍ଗା, ହିନ୍ଦୋଳ, ଭଗବାନପୁର ଆଦି ୧୦ଟି ସମିତିର ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ। ସମସ୍ତ ସମିତିକୁ ସାହି ମାନ୍ୟତା ସହିତ ମହାସଂଘରେ ଯୋଗଦେବାକୁ ସ୍ୱୀକୃତି ପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟ ଉପଦେଷ୍ଟା ଭାବେ ମହେଶ୍ୱର ସାହୁ, ସମ୍ବିଧାନ ପ୍ରଣୟନ ନିମନ୍ତେ ଗଣେଶ୍ୱର ସାହୁଙ୍କୁ ନିର୍ବାଚିତ କରାଯାଇଥିଲା। ସଭାପତି ଭାବେ ଇନ୍ଦ୍ରମଣି ସାହୁ, କାର୍ଯ୍ୟକାରୀ ସଭାପତି ଦୀନବନ୍ଧୁ ସାହୁ, ଉପସଭାପତି ଗିରିଶ ଚନ୍ଦ୍ର ବେହେରା, ସମ୍ପାଦକ ସନ୍ତୋଷ କୁମାର ଚୌଧୁରୀ, ସହ ସମ୍ପାଦକ ଜଳନ୍ଧର ସାହୁ, କୋଷାଧ୍ୟକ୍ଷ ରବି ନାରାୟଣ ସାହୁ ଓ ସମସ୍ତ ସମିତି ସଭାପତିଙ୍କୁ ଉପଦେଷ୍ଟା ଭାବେ ନିର୍ବାଚିତ କରାଯାଇଥିଲା। ଏଥିସହିତ ନୂତନ କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା।

# ଗୁରୁ ସାକ୍ଷାତ ପରଂବ୍ରହ୍ମ



ସରାଙ୍ଗ ଶିଶୁ ମନ୍ଦିରରେ ଗୁରୁ ଦିବସ ପାଳନ ଅବସରରେ ଛାତ୍ରୀଛାତ୍ରମାନେ।

ପରଜଙ୍ଗ/ ରାସୋଳ/ ସାତମାଇଲ, ୫।୯(ଡି.ଏନ୍.ଏ.)

ଗୁରୁ-ଶିଷ୍ୟ ସମ୍ପର୍କର ମହାନତାର ନିଦର୍ଶନ ସ୍ୱରୂପ ବୁଧବାର ବିଭିନ୍ନ ସ୍ଥାନରେ ପାଳିତ ହୋଇଛି ଗୁରୁଦିବସ। ଗୁରୁପୂଜନ କରି ଛାତ୍ରୀଛାତ୍ରମାନେ ଭକ୍ତିଭାବ ପ୍ରଦର୍ଶନ କରିଥିବାବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆୟୋଜିତ ହୋଇଥିଲା ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱର ଧ୍ୱନିରେ ସର୍ବତ୍ର ସୃଷ୍ଟି ହୋଇଥିଲା ନିଆରା ପରିବେଶ। ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ଗୁରୁଦିବସରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଗୋକୁଳ ଚନ୍ଦ୍ର ମହାଳିକ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ ଦେହୁରୀ, ସହ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ସିଂଙ୍କ ସମେତ ଅନୁଷ୍ଠାନ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି ଗୁରୁଦିବସ ପାଳନର ତାତ୍ପର୍ଯ୍ୟ ବୁଝାଇଥିଲେ।

ରାସୋଳ ପଞ୍ଚାୟତ ପର୍ଶୁରାମପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସୁଜାତା ମିଶ୍ର, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରତିମା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗୁରୁଦିବସ ଉପରେ ଆଲୋକପାତ କରିଥିଲେ। ସ୍କୁଲ ସଭାପତି ରବିନାରାୟଣ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁ, ବରିଷ୍ଠ ଆଚାର୍ଯ୍ୟ ସୁଜନ ମୋହନ ପ୍ରଧାନ, ବିଦ୍ୟାଳୟ ସମ୍ପାଦକ ମହେଶ୍ୱର ସାମଲଙ୍କ ସମେତ ୬୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଗୁରୁପୂଜନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ସାତମାଇଲସ୍ଥିତ ଜନତା କଲେଜ ଇତିହାସ ସମ୍ମାନ ବିଭାଗ ପକ୍ଷରୁ ଅଧ୍ୟାପକ ମହେଶ୍ୱର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଗୁରୁଦିବସ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଅତିଥି ଭାବେ ପ୍ରଧ୍ୟାପକ ପ୍ରଶାନ୍ତ ବେହେରା, ଅଧ୍ୟାପିକା ଦୀପାଳୀ ସାହୁ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ସଫଳ ଭବିଷ୍ୟତ କାମନା କରିଥିଲେ। ସେହିପରି ଓଡ଼ିଆ ସମ୍ମାନ ବିଭାଗ ପକ୍ଷରୁ ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ଏବଂ ରାଜନୀତି ବିଜ୍ଞାନ ବିଭାଗ ସମ୍ମାନ ବିଭାଗ ପକ୍ଷରୁ ଅଧ୍ୟାପିକା ବିଭାବତୀ ଦାଶଙ୍କ ପୌରୋହିତ୍ୟରେ ଗୁରୁଦିବସ ପାଳନ କରାଯାଇଛି। ଛାତ୍ରୀଛାତ୍ରମାନେ ବିଭିନ୍ନ ଉପହାର ଦେଇ ଅଧ୍ୟାପିକାଅଧ୍ୟାପକଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

■ସିମିଳିଆ ବିଦ୍ୟାଳୟରେ ‘ମୋ ସ୍କୁଲ ଅଭିଯାନ’

# ଶିକ୍ଷାନୁଷ୍ଠାନର ଉନ୍ନତି ପାଇଁ ଅଣ୍ଟା ଭିଡ଼ିଲେ

ଢେଙ୍କାନାଳ ଅଫିସ, ୫।୯

ଢେଙ୍କାନାଳ ପୌରାଞ୍ଚଳ ଅଧୀନ ସିମିଳିଆ ପ୍ରାଥମିକ ବିଦ୍ୟାଳୟର ଉନ୍ନତି ପାଇଁ ଅଣ୍ଟା ଭିଡ଼ିଛନ୍ତି ପୁରାତନ ଛାତ୍ରୀଛାତ୍ର, ସାମାଜିକ କର୍ମୀ ଏବଂ ଅନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକ। ସ୍କୁଲକୁ ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପରିଣତ କରିବାକୁ ସହଯୋଗ କରିବାକୁ ରାଜି ହୋଇଛନ୍ତି ସମସ୍ତେ। ସୋମବାର ଅନୁଷ୍ଠିତ ମୋ’ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ଏହାର ରୂପରେଖ ପ୍ରସ୍ତୁତ କରାଯାଇଛି।

ବିଦ୍ୟାଳୟର ପ୍ରତିଷ୍ଠାତା ସଚ୍ଚିଦାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ଏବିଇଓ ଭଗବାନ ବେହେରା, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭ୍ରମରବର ଦାସ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସତ୍ୟାନନ୍ଦ ପାତ୍ର, ସିଆର୍‌ସିସି ବିଷ୍ଣୁ କୁମାର ମଲ୍ଲିକ, ସୁବାସିନୀ ମିଶ୍ର, ପୁରାତନ ଛାତ୍ର ସ୍ୱାଧୀନ ସାହୁ, ସର୍ବେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ସାରଦା ପ୍ରଧାନ ୧୦ ହଜାର, ଶିକ୍ଷୟିତ୍ରୀ ସୁଷମା ସାହୁ ୫ ହଜାର, ସୌଦାମିନୀ ଦେହୁରୀ ୧ ହଜାର, ନିହାରବାଳା ଶତପଥୀ ୧ ହଜାର, ସାମାଜିକ କର୍ମୀ ସତ୍ୟାନନ୍ଦ ପାତ୍ର ୩୦ ହଜାର, ସଚ୍ଚିଦାନନ୍ଦ ସାହୁ ୫ ହଜାର, ଭ୍ରମରବର ଦାସ ୧ ହଜାର, ବାବୁଲା ସାହୁ ୧ ହଜାର, ସର୍ବେଶ୍ୱର ସାହୁ ୨ ହଜାର, ଅଜୟ କୁମାର ବେହେରା ୨ ହଜାର, ପ୍ରକାଶ ଚନ୍ଦ୍ର ବେହେରା ୧ ହଜାର, ରୀତା ସାହୁ ୧ ହଜାର, ପୂର୍ବତନ ସଭାପତି ଶ୍ରୀଧର ପୃଷ୍ଟି ୫ ହଜାର ଟଙ୍କା ଅଭିଯାନ ପାଣ୍ଠିକୁ ଦାନ କରିଛନ୍ତି। ସର୍ବମୋଟ ୧ ଲକ୍ଷ ୨ ହଜାର ୫୦ ଟଙ୍କା ଅନୁଦାନ ରାଶି ସଂଗ୍ରହ ପାଇଁ ପ୍ରତିଶ୍ରୁତି ମିଳିଛି। ଏହି ଅବସରରେ ସତ୍ୟାନନ୍ଦ ପାତ୍ରଙ୍କୁ ସର୍ବସମ୍ମତିକ୍ରମେ ସଭାପତିଭାବେ ଚୟନ କରାଯାଇଥିଲା। ସଭାପତି ଏବଂ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନାମରେ ଯୁଗ୍ମ ସଞ୍ଚୟ ଖାତା ଖୋଲି ଆଦାୟ ଅର୍ଥ ଜମା କରିବାକୁ ନିଷ୍ପତ୍ତି ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସରିତା ଦାସ, କମିଟି ସଭାପତି ଖୁଲଣା ବେହେରା, ସଭ୍ୟ ହିମାଂଶୁ ଶେଖର ମଙ୍ଗରାଜ, ଅର୍ଜୁନ ସାହୁଙ୍କ ସମେତ କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ